

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୩ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 MAY 2021

Vol.No. 32 ■ No. 131 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର



ନୂଆଦିଲ୍ଲୀ,୨୨/୦୫ (ନି.ପ୍ର): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇସାରିଛି ଲଘୁଚାପ କ୍ଷେତ୍ର । ଭାରତୀୟ ପାଣିପାଗ ବିଭାଗ ଏନେଇ ଟ୍ୱିଟ କରି ସୂଚନା ଦେଇଛି । ଆଜି ସକାଳେ ଏହା ଲଘୁଚାପର ରୂପ ନେଇସାରିଥିବାବେଳେ ଆଗାମୀ ୨୪ ଘଂଟା ମଧ୍ୟରେ ଅର୍ଥାତ ୨୩ ତାରିଖ ସକାଳ ସୁଦ୍ଧା ଅବପାତର ରୂପ ନେବ । ସେହିପରି ୨୪ ତାରିଖରେ ଏହା ସାମୁଦ୍ରିକ ଝଡ ଅର୍ଥାତ ବାତ୍ୟାର ରୂପ ନେବ । ବାତ୍ୟା ରୂପ ନେବା ପରେ ଏହାର ନାମ ହେବ 'ୟାସ' । ଓମାନ ଏହି ବାତ୍ୟାର ନାମକରଣ କରିଛି । ତେବେ ଅତି ପ୍ରବଳ ବାତ୍ୟା ଆକାରରେ ଏହା ଉତର-ଉତର ପଶ୍ଚିମ ଦିଗରେ ଗତି କରି ୨୬ ତାରିଖ ସଂଧ୍ୟା ସୁଦ୍ଧା ପଶ୍ଚିମବଙ୍ଗ ସମେତ ଓଡିଶା ଓ ବାଂଲାଦେଶ ଉପକୀଳରେ ପହଂଚିବ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ପୂର୍ବରୁ ଏହା ୨୬ ତାରିଖ ସକାଳ ସୁଦ୍ଧା ପହଂଚିବା ନେଇ ଅନୁମାନ କରାଯାଉଥିଲା । ଏବେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇସାରିଥିବାରୁ ଏହାର ଗତିପଥ ଓ ତୀବ୍ରତା ନେଇ ଅଧିକ ସୂଚନା ମିଳିପାରିବ ବୋଲି ଅନୁମାନ କରାଯାଉଛି । ବିଶେଷ କରି ପଶ୍ଚିମବଙ୍ଗକୁ ଲାଗି ଉତର ଓଡ଼ିଶାର ଯେଉଁ ଉପକୂଳ ଅଂଚଳ ରହିଛି ସେଠାରେ ପବନର ବେଗ ସବୁଠୁ ଅଧିକ ରହିବ ବୋଲି ଅନୁମାନ କରାଯାଉଛି । ୨୫ ତାରିଖ ଅପରାହ୍ଣ ବା ସନ୍ଧ୍ୟାରୁ ଉତର ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ଆରମ୍ଭ ହୋଇପାରେ ଏବଂ ଧୀରେ ଧୀରେ ଏହା ବଢ଼ି ପ୍ରବଳ ବର୍ଷା ହୋଇପାରେ । ଉତର ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ୨୬ ଓ ୨୭ ତାରିଖରେ ପ୍ରବଳ ବର୍ଷା ହୋଇପାରେ ।

ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ବାତ୍ୟା ପାଇଁ ସମୀକ୍ଷା

ଭୁବନେଶ୍ୱର,୨୨/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ୟାସ୍ କୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ଜୀବନର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।ତଳିଆ ଅଂଚଳରେ ଏବଂ ବିପଦସଂକୁଳ ବାସସ୍ଥାନରେ ରହୁଥିବା ଲୋକଙ୍କ ସ୍ଥାନାନ୍ତର କରିବା ଏବଂ ଜିଲ୍ଲାପାଳ ଓ ଏସ୍.ପି ମାନେ ଏହି କାର୍ଯ୍ୟକୁ ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ମୁଖ୍ୟ ଶାସନ ସଚିବ ଏହି ବାତ୍ୟା ପ୍ରସ୍ତୁତି କାର୍ଯ୍ୟକ୍ରମକୁ ନିୟମିତ ମନିଟରିଂ କରି ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପରାମର୍ଶ ଦେବେ । ବାତ୍ୟା ସମୟରେ ରାଜ୍ୟ ମଧ୍ୟରେ ତଥା ରାଜ୍ୟ ବାହାରକୁ ଅକ୍ସିଜେନ ଯୋଗାଣରେ ଯେପରି କୌଣସି ସମସ୍ୟା ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ସଂଧ୍ୟାରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ସମ୍ଭାବ୍ୟ ବାତ୍ୟା ୟାସର ମୁକାବିଲା ପାଇଁ ଏକ ବୈଠକରେ ଜନସାଧାରଣଙ୍କ ଜୀବନର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସବୁ ବିପର୍ଯ୍ୟୟ ପରିଚାଳନା ପାଇଁ ଆମର ଏକମାତ୍ର ସିଦ୍ଧାନ୍ତ ହେଉଛି 'ସବୁ ଜୀବନ ମୂଲ୍ୟବାନ' । ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଉ ଦୁଇ ଦିନ ମଧ୍ୟରେ ବଙ୍ଗୋପ ସାଗରରେ ବାତ୍ୟା ୟାସର ସୃଷ୍ଟି ହେବାର ସମ୍ଭାବନା ରହିଛି । ବର୍ତମାନ ସୁଦ୍ଧା ଏହାର ଗତିପଥ ଠିକ୍ ଭାବରେ ନିର୍ଣ୍ଣୟ ହୋଇନାହିଁ । ତେଣୁ ଆମର ସମସ୍ତ ଉପକୂଳବର୍ତୀ ଓ ଏହାର ଆଖପାଖ ଜିଲ୍ଲା ଗୁଡିକ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ରହି ପ୍ରବଳ ବର୍ଷା ଓ ପବନ ପାଇଁ ▶▶ପୃଷ୍ଠା ୭

ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ନେଇ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରସ୍ତୁତ : ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨/୦୫ (ନି.ପ୍ର): ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା 'ୟାସ୍'କୁ ନେଇ ପ୍ରାକ୍ ପ୍ରସ୍ତୁତି ଏବଂ ତାହାର ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତି ଉପରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଭାରତୀୟ ପାଣିପାଗ ନିର୍ଦ୍ଦେଶକ(ଆଇଏମଡ଼ି) ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଏନଡ଼ିଆରଏଫ ଡ଼ିଜି ସତ୍ୟ ନାରାୟଣ ପ୍ରଧାନଙ୍କ ସହ ଭିଡ଼ିଓ କନଫରେନ୍ସିଂ ଜରିଆରେ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟାର ସ୍ଥିତି ଏବଂ ଅବସ୍ଥିତି ନେଇ ବିସ୍ତୃତ ଭାବରେ କଥା ହେବା ସହ ଏନଡ଼ିଆରଏଫ୍ ଦ୍ୱାରା ହୋଇଥିବା ପ୍ରସ୍ତୁତି ଉପରେ ମଧ୍ୟ ଆଲୋଚନା ହେଲା । ଏନଡ଼ିଆରଏଫ୍ ଓଡ଼ିଶାକୁ ସମସ୍ତ ପ୍ରକାର ସହଯୋଗ ତଥା ବିପର୍ଯ୍ୟୟ ସୁରକ୍ଷା ବଳ ନିୟୋଜିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଡ଼ିଜି ଏସ.ଏନ ପ୍ରଧାନ ଅବଗତ କରାଇଲେ । ସମ୍ଭାବ୍ୟ ବାତ୍ୟା ନେଇ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରସ୍ତୁତ । ଏ ନେଇ ମୁଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିବି । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ସମନ୍ୱୟରେ ଏହି ବାତ୍ୟାର ମୁକାବିଲା କରିପାରିବା । ଲୋକମାନେ ଭୟଭୀତ ନହୋଇ ସଜାଗ ରହିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କରିଛନ୍ତି ।

ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ : କମିଶନର

ଭୁବନେଶ୍ୱର,୨୨/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ୟାସ୍ ର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ । ଓଡ଼ିଶାର ସମସ୍ତ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଫେରାଇ ଅଣା ଯାଇଛି । କୃଷକମାନେ ସେମାନଙ୍କ କୃଷି ଜାତ ଦ୍ରବ୍ୟକୁ ସୁରକ୍ଷିତ ସ୍ଥାନକୁ ନେବାକୁ କୁହାଯାଇଛି । ତୁରନ୍ତ ଜଳ ନିଷ୍କାସନ ପାଇଁ ଡ୍ରେନେଜ ସଫା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ଆସିବା ପୂର୍ବରୁ ଆଶ୍ରୟ ସ୍ଥଳୀକୁ ଆସିବାକୁ ସମସ୍ତ ଲୋକଙ୍କୁ ଡ଼ାକବାଜି ଯନ୍ତ୍ର ଯୋଗେ ଅନୁରୋଧ କରାଯାଉଛି । ଆଶ୍ରୟ ସ୍ଥଳୀରେ ମାସ୍କ ଦେବା ସହ ଓ ରାପିଡ ରେସପନସ ଟିମ ପଠାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ସଂକ୍ରମିତ ଥିଲେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୧୭ଟି ଏନଡ଼ିଆରଫ,୨୦ଟି ଓଡ୍ରାଫ, ୧୫୦ଟି ଫାୟାର ଟିମକୁ ଆସନ୍ତା କାଲି ବିଭିନ୍ନ ଜିଲ୍ଲାକୁ ପଠାଯିବ । ବାତ୍ୟା ପରେ ଗଛ କାଟିବା ଲାଗି ବନ ବିଭାଗକୁ ମଧ୍ୟ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି । ଲୋକଙ୍କୁ ସ୍ଥାନାନ୍ତରିତ,ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ପୁନରୁଦ୍ଧାର ପାଇଁ ବଡ଼ ବଡ଼ ଏନଜିଓ ମାନଙ୍କ ସହଯୋଗ ଲୋଡ଼ା ଯାଇଛି । ଅକ୍ସିଜେନ ଉତ୍ପାଦନ ଓ ରିଫିଲିଂ ପାଇଁ ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ଅକ୍ସିଜେନ ଯୋଗାଉଥିବା ବିଭିନ୍ନ ସଂସ୍ଥା ମାନଙ୍କ ସହ ଆଲୋଚନା କରାଯାଇଛି । ସେଥିପାଇଁ ଶିଳ୍ପ ବିଭାଗ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି ।

ୱେବସାଇଟ୍‌ରେ ମିଳିବ କରୋନା ଟେଷ୍ଟ ରିପୋର୍ଟ

ଭୁବନେଶ୍ୱର,୨୨/୦୫ (ନି.ପ୍ର): ଏଣିକି ୱେବସାଇଟ୍ ରେ ମିଳିବ କରୋନା ଟେଷ୍ଟ ରିପୋର୍ଟ । ଶୀଘ୍ର ଓ ସୁବିଧାରେ ରିପୋର୍ଟ ଜାଣିବା ପାଇଁ ୱେବସାଇଟରେ ମିଳିବ । ଉଭୟ ଆଂଟିଜେନ ଓ ଆରଟିପିସିଆର ଟେଷ୍ଟ ରିପୋର୍ଟ ୱେବସାଇଟରେ ମିଳିବ । ରାଜ୍ୟ କୋଭିଡ ଡ୍ୟାସବୋର୍ଡ ଓ କୋଭିଡ୍ ୧୯ ୱେବସାଇଟରେ ବ୍ୟବସ୍ଥା ହୋଇଛି । ସୂଚନା ପ୍ରଯୁକ୍ତି ସଚିବ ମନୋଜ ମିଶ୍ର ସୂଚନା ଦେଇଛନ୍ତି । ଷ୍ଟେଟଡ୍ୟାସ୍‌ବୋର୍ଡ ଡଟ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ଏବଂ କୋଭିଡ୍୧୯ଡଟ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ୱେବସାଇଟ୍ ରେ ମୋବାଇଲ୍ ନମ୍ବର ଦେବା ପରେ ଓଟିପି ଦେଇ କରୋନା ରିପୋର୍ଟ ଜାଣିହେବ । ଏସଆରଏଫ୍ ଆଇଡି ଦେଇ ମଧ୍ୟ ରିପୋର୍ଟ ଜାଣିହବ । ଏହି ୱେବସାଇଟ୍ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ମହାମାରୀ ବିରୋଧରେ ଲଢ଼େଇ ସମୟରେ ଟେକ୍ନୋଲୋଜି ସର୍ବଦା ଏକ ବଡ଼ ଧରଣର ସାଧନ ପାଲଟିଥାଏ । ଲୋକଙ୍କୁ କୋଭିଡ୍ ପରୀକ୍ଷା ସମ୍ବନ୍ଧୀୟ ସୂଚନା ପ୍ରଦାନ ସହଜ ହେବା ଦ୍ୱାରା ଏଭଳି ସମୟରେ ଲୋକଙ୍କୁ ଆଶ୍ୱସ୍ତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକମାନଙ୍କୁ ସୁବିଧାରେ କୋଭିଡ୍ ପରୀକ୍ଷା ରିପୋର୍ଟ ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର କୋଭିଡ୍ ଟେଷ୍ଟ ରିପୋର୍ଟ ୱେବ୍‌ସାଇଟ୍ ର ଶୁଭାରମ୍ଭ କରିଛନ୍ତି । କୋଭିଡ୍ ପରୀକ୍ଷାର ଫଳାଫଳ ଜାଣିବା ପାଇଁ ଅପେକ୍ଷା କରିଥିବା ଲୋକଙ୍କୁ ଆଉ ପରୀକ୍ଷା କେନ୍ଦ୍ରକୁ ରିପୋର୍ଟ ଆଣିବାକୁ ଯିବା ପାଇଁ ପଡ଼ିବ ନାହିଁ । ସେମାନେ ଘରେ ବସି କୋଭିଡ୍ ଟେଷ୍ଟ ୱେବ୍‌ସାଇଟ୍ ରୁ ଏହା ପାଇପାରିବେ । ପରୀକ୍ଷା ରିପୋର୍ଟ ସୁବିଧାଜନକ ଭାବେ ଲୋକଙ୍କ ପାଖରେ ପହଂଚାଇବା ପାଇଁ ୫-'ଟି' ଅଧୀନରେ କୋଭିଡ୍ ପରୀକ୍ଷା ରିପୋର୍ଟ ୱେବ୍ ସାଇଟ୍ ଗଠନ କରାଯାଇଛି । ବ୍ୟବହାରକାରୀଙ୍କ ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ପଂଜୀକୃତ ହୋଇଥିବା ମୋବାଇଲ ନମ୍ବରକୁ ଓଟିପି ପଠାଯିବାର ବ୍ୟବସ୍ଥା ହୋଇଛି । ଜନସାଧାରଣଙ୍କ ସୁବିଧା ପାଇଁ ▶▶ପୃଷ୍ଠା ୭

ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ପୁଅଙ୍କ ଦେହାନ୍ତ

ଭୁବନେଶ୍ୱର,୨୨/୦୫(ନି.ପ୍ର): ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ପୁଅ ସମିତ ନନ୍ଦଙ୍କ ଦେହାନ୍ତ । କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ହୋଇଛି । ସୂଚନାନୁସାରେ, ଫୁସଫୁସ ସଂକ୍ରମଣର ଚିକିତ୍ସା ପାଇଁ ସମିତଙ୍କୁ ଏପ୍ରିଲ ୨୮ ରେ କଟକ ସ୍ଥିତ ଅଶ୍ୱୀନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୁଅର ସଂକଟାପନ୍ନ ଅବସ୍ଥା ନେଇ ସୂଚନା ଦେଇଥିଲେ ପୂର୍ବତନ ବିଧାୟକ ନବୀନ ନନ୍ଦ । ଏକ ଫେସବୁକ ପୋଷ୍ଟରେ ହସ୍ପିଟାଲ ବେଡରେ ଅତି ମୃମୁର୍ଷ ଅବସ୍ଥାରେ ଥିବା ପୁଅର ଫଟୋ ସହ ମୁଖ୍ୟମନ୍ତ୍ରୀଙ୍କୁ ଅପିଲ କରିଥିଲେ ପୂର୍ବତନ ବିଧାୟକ । ଫୁସଫୁସରେ ସଂକ୍ରମଣ କାରଣରୁ ଏବଂ ଇସିଏମଓ ନଥିବାରୁ ତାଙ୍କ ପୁଅ ଆଉ ବଂଚିବେ ନାହିଁ ବୋଲି ସେ ଲେଖିଥିଲେ । କଟକ ଅଶ୍ୱୀନ ହସ୍ପିଟାଲରେ ତାଙ୍କ ପୁଅ କିଭଳି ସଂକଟାପନ୍ନ ରହିଛନ୍ତି ତାହା ଫେସବୁକ ପୋଷ୍ଟରୁ ଜଣାପଡୁଥିଲା । ତେବେ ସେ ଏହି ପୋଷ୍ଟ ଜରିଆରେ କଟକ ଏସସିବି ମେଡିକାଲ ସମେତ ଜିଲ୍ଲା ମୁଖ୍ୟ ହସ୍ପିଟାଲଗୁଡିକୁ ଏହି ଇସିଏମଓ ମେସିନ ଯୋଗାଇ ଦେବାପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ ।

୨୪ ଘଂଟାରେ ଦେଶରେ ୨,୫୭,୨୯୯ ନୂଆ ମାମଲା

ନୂଆଦିଲ୍ଲୀ,୨୨/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨,୫୭,୨୯୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୪,୧୯୪ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୬୨,୮୯,୨୯୦ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା : ୨୯,୨୩,୪୦୦ ଥିବା ବେଳେ ବର୍ତମାନ ସୁଦ୍ଧା ୨,୯୫,୫୨୫ ଜଣ ମୃତ୍ୟୁ ବରଣ କରିଛନ୍ତି ।

ଜୈବ ବଳୟ ସୁରକ୍ଷା ଭିତରେ ଚାଲିଛି ରଥ ନିର୍ମାଣ କାମ

ପୁରୀ,୨୨/୦୫ (ନି.ପ୍ର): ରଥଖଳାରେ ରଥନିର୍ମାଣ ସେବକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ଦିଆଯାଉଛି ବିଶେଷ ଗୁରୁତ୍ୱ । ରଥଖଳାକୁ ଜୈବ ବଳୟ ମଧ୍ୟରେ ଦିଆଯାଇଛି ବିଶେଷ ସୁରକ୍ଷା । ଅନଧିକୃତ ବ୍ୟକ୍ତି ବିଶେଷଙ୍କ ଉପରେ ଲାଗିଛି କଡା କଟକଣା । ମାସ୍କ, ସାନିଟାଇଜର ବ୍ୟବହାର ସହିତ ସାମାଜିକ ଦୂରତା ବଜାୟ ପାଇଁ ରହିଛି କଡା ନିର୍ଦ୍ଦେଶ । ସେପଟେ ରଥଖଳାକୁ ସାନିଟାଇଜ କରାଯାଇଛି । ରଥଖଳାରେ କାର୍ଯ୍ୟ ସରିବା ପରେ ଗତକାଲି ବିଳମ୍ବିତ ରାତିରେ ସାନିଟାଇଜ କରାଯାଇଛି । ରଥଖଳାର ବିଭିନ୍ନ ସ୍ଥାନକୁ ଅଗ୍ନିଶମ ବିଭାଗର ଟେକ୍ନିକାଲ ଟିମ ହ୍ୟାଣ୍ଡ ସ୍ପ୍ରେ ଜରିଆରେ ସାନିଟାଇଜ କରିଛି । କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବଢିବଢି ଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ସାନିଟାଇଜ କରାଯିବା ସହ ବିଭିନ୍ନ କଟକଣାକୁ କଡାକଡି ଭାବେ ପାଳନ କରାଯାଉଛି । ରଥନିର୍ମାଣ କାର୍ଯ୍ୟରେ ନିୟୋଜିତ ସେବକଙ୍କ ମଧ୍ୟରୁ ୧୨ଜଣ ବିଶ୍ୱକର୍ମା ସେବାୟତ ଓ ୬ଜଣ ଭୋଇ ସେବକ ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବାତ୍ୟା ପାଇଁ ଟିକାକରଣ ବନ୍ଦ !

ଟିକାର ସୁରକ୍ଷା ପାଇଁ ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡିକରେ ବନ୍ଦ ରହିବ ଟିକାକରଣ

ଭୁବନେଶ୍ୱର,୨୨/୦୫ (ନି.ପ୍ର): ବାତ୍ୟା ଆସିଲେ ଟିକାକରଣ ବନ୍ଦ । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଭାବିତ ହେବାକୁ ଥିବା ଜିଲ୍ଲା ଗୁଡିକରେ ଟିକାକରଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ଟିକାର ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି । ବାତ୍ୟା ସମୟରେ ବିଦ୍ୟୁତ ସେବା ବ୍ୟାଘାତ ହୋଇପାରେ,ତେଣୁ ଏଭଳି ସ୍ଥଳେ ଟିକାକୁ ସୁରକ୍ଷିତ ରଖିବାକୁ କୁହାଯାଇଛି । ଏପରିକି ଜେନେରେଟର ବ୍ୟବସ୍ଥା କରି ଟିକା ସୁରକ୍ଷିତ ରଖିବାକୁ କୁହାଯାଇଛି । ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ଆସନ୍ତା ୨୪ରେ ଏହା ବାତ୍ୟାର ରୂପ ନେବ । ଆଉ ଏହାପରେ ସମୁଦ୍ର ମଧ୍ୟରେ ବଳ ଗୋଟାଇ ଉତ୍ତର ଓ ଉତ୍ତର-ଦକ୍ଷିଣ ଆଡକୁ ଗତି କରିବ । ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୨୬ରେ ଏହା ସ୍ଥଳଭାଗ ଛୁଇଁବ । ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶରେ ଏହା ଲ୍ୟାଣ୍ଡଫଲ ▶▶ପୃଷ୍ଠା ୭

ପଇଡ ବୋଝେଇ ଟ୍ରକରୁ ବିପୁଳ ଗଞ୍ଜେଇ ଜବତ

କୋରାପୁଟ,୨୨/୦୫(ନି.ପ୍ର): ଅଭିନବ ଉପାୟରେ ପଇଡ ବୋଝେଇ ଟ୍ରକରେ ଗଞ୍ଜେଇ ଚୋରା ଚାଲାଣ । କୋରାପୁଟ ଜିଲ୍ଲା ପଡୁଆ ଅଂଚଳରୁ ଉତରପ୍ରଦେଶ ଚାଲାଣ ବେଳେ ନନ୍ଦପୁର ପୋଲିସ ହାତରେ ଧରା ପଡିଛି ବିପୁଳ ଗଞ୍ଜେଇ । ବିଶେଷ ସୂତ୍ରରୁ ଖବର ପାଇ କୋରାପୁଟ ଏସପିଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ଥାନା ପୋଲିସ ନାକାବନ୍ଦୀ କରି ଗାଡି ଯାଂଚ କରୁଥିଲେ । ଏହି ସମୟରେ ହିକିମପୁଟ ଅଂଚଳରରୁ ଦ୍ରୁତ ଗତିରେ ଆସୁଥିବା ଟ୍ରକକୁ ଅଟକାଇଥିଲା ପୋଲିସ । କିନ୍ତୁ ଟ୍ରକରେ ପଇଡ ବୋଝେଇ ଥିବାରୁ ପୋଲିସ ଦେଖି ପ୍ରଥମେ ଗାଡିକୁ ଛାଡିଦେଉଥିଲା । କିନ୍ତୁ ଗାଡି ନମ୍ବର ମେଳ ଖାଉ ନ ଥିବାରୁ ଟ୍ରକରେ ଥିବା ୩ ଜଣଙ୍କୁ କାବୁ କରାଯାଇଥିଲା । ପଇଡ ଗୁଡିକୁ ବାହାର କରି ଟ୍ରକକୁ ଯାଂଚ କରିବା ବେଳେ ବିପୁଳ ପରିମାଣର ଗଞ୍ଜେଇ ଥିବା ଜଣାପଡିଥିଲା । ଗଞ୍ଜେଇ ଚାଲାଣ ବେଳେ ବ୍ୟବହୃତ ହୋଇଥିବା ଟ୍ରକକୁ ଜବତ କରିଛି ପୋଲିସ । ଏଥିରେ ୨୨ଟି ବସ୍ତାରେ ପ୍ରାୟ ୪କୁଇଂଟାଲ ୫୬ କେଜି ଗଞ୍ଜେଇ ଥିଲା । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି

ପାରାଦ୍ୱୀପ ବନ୍ଦର ପକ୍ଷରୁ ଆତଙ୍କବାଦୀ ବିରୋଧୀ ଦିବସ-୨୦୨୧ ପାଳିତ

ପାରାଦ୍ୱୀପ ,୨୨/୫ (ନି.ପ୍ର): ପ୍ରତିବର୍ଷ ମେ ୨୧ ତାରିଖ ଦେଶରେ 'ଆତଙ୍କବାଦ ବିରୋଧୀ ଦିବସ' ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ବନ୍ଦର ପକ୍ଷରୁ ପ୍ରଶାସନିକ ଭବନ ପ୍ରକୋଷ୍ଠ ଠାରେ କୋଭିଡ୍-୧୯ ମହାମାରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ପୂର୍ବାହ୍ନରେ 'ଆତଙ୍କବାଦ ବିରୋଧୀ ଦିବସ-୨୦୨୧ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦର ସିନିଅର ଡେପୁଟି ଏଫ୍ଏ ଅଶୋକ କୁମାର ସାହୁଙ୍କ ପରିଚାଳନାରେ ପ୍ରତିଶୃତି ଗ୍ରହଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବନ୍ଦରର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଶପଥପାଠ କରିଥିଲେ । ତେବେ ଏହି ଦିବସ ପାଳନ କରିବା ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବକ ମାନଙ୍କୁ ଆତଙ୍କବାଦଠାରୁ ଦୁରେଇ ରଖିବା ଓ ଦେଶବାସୀଙ୍କ ମଧ୍ୟରେ ଏକତା, ଜାତିୟତା ଭାବର ଉଦ୍ରେକ ସୃଷ୍ଟି କରିବା । ସୂଚନାଥାଉକି, ୧୯୯୧ ମସିହା ମେ ୨୧ତାରିଖରେ ଭାରତର ପୂର୍ବ ନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଆତଙ୍କବାଦୀ ମାନେ ହତ୍ୟା କରିଥିଲେ । ସେହିଦିନ ଠାରୁ ଏହି ଦିବସକୁ ଆତଙ୍କବାଦ ବିରୋଧୀ ଦିବସ ଭାବେ ପାଳିତ ହୋଇଆସୁଅଛି ଏବଂ ଚଳିତ ବର୍ଷ ଏହା ସ୍ୱର୍ଗତ ଗାନ୍ଧୀଙ୍କ ୩୦ତମ ମୃତ୍ୟୁ ବାର୍ଷିକ ।

କୁଅରେ ପଡି ମହିଳା ମୃତ

ଭୁବନ,୨୨/୫ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ଗ୍ରାମରେ ଆଜି ସକାଳେ କୁଅରୁ ପାଣି କାଢୁଥିବା ସମୟରେ ଖସିପଡି କୁଅରେ ବୁଡିଯାଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ସନ୍ଦିପ୍ତ ଶତପଥି ଙ୍କ ପତ୍ନୀ ସ୍ୱର୍ଣ୍ଣମୟୀ ପଣ୍ଡା(୩୦) ଆଜି ସକାଳ ୬.୩୦ ସମୟରେ ଘର ସମ୍ମୁଖରେ ଥିବା କୁଅରୁ ପାଣି ଆଣିବାକୁ ଯାଇଥିଲେ । ପାଣି କାଢୁଥିବା ସମୟରେ ତାଙ୍କ ଗୋଡ ଖସି ଯିବାରୁ ସେ କୁଅରେ ପଡିଯାଇଥିଲେ । ସ୍ଥାନୀୟ ଲୋକ ଦେଖିବା ପରେ ପୋଲିସ ଓ ଦମକଳ ବିଭାଗକୁ ଖବର ଦେଇଥିଲେ । ଦମକଳ ବାହିନୀ କୁଅ ଭିତରୁ ଯୁବତୀଙ୍କ ଶବ ଉଦ୍ଧାର କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା ।

ପୁରୀରେ ସାମ୍ବାଦିକଙ୍କୁ ପୋଲିସର ମାଡ଼ ଘଟଣାକୁ ବିଭିନ୍ନ ସାମ୍ବାଦିକ ସଙ୍ଘ ପକ୍ଷରୁ ନିନ୍ଦା

ମାଲକାନଗିରି,୨୨/୫ (ନି.ପ୍ର): ଗତ ବୁଧବାର ଦିନ ପୁରୀ ସହରରେ ଜଣେ ଫଳ ବ୍ୟବସାୟିକୁ ପୋଲିସ ନିର୍ମମ ଭାବେ ମାଡ଼ ମାରିବା ଘଟଣାର ଖବର ସଂଗ୍ରହ କରୁଥିବା ସାମ୍ବାଦିକ ଦତାତ୍ରେୟ ନାୟକଙ୍କୁ ସେଠାରେ ଥିବା ପୋଲିସ କର୍ମଚାରୀ ମାନେ ଆକ୍ରୋଶ ମୂଳକ ଭାବେ ଆକ୍ରମଣ କରିବା ସହ ତଳେ ପକାଇ ଅତି ନିଷ୍ଠୁର ଭାବେ ମାଡ଼ ମାରିଥିଲେ । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହେବାସହ ବିଭିନ୍ନ ସାମ୍ବାଦିକ ସଙ୍ଗଠନ ଏହାର ଦୃଢ ନିନ୍ଦା କରି ତୁରନ୍ତ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ପାଇଁ ଦାବି କରିଛନ୍ତି । ତେବେ ଏହି ଘଟଣାକୁ ନେଇ ଆଜି ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ଜରୁରୀ କାଳୀନ ବୈଠକ ସଂଘ କାର୍ଯ୍ୟଳୟ ରେ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପୋଲିସର ଏପରି ଅମାନୁଷିକ ବ୍ୟବହାର ଏବଂ ଅତ୍ୟାଚାର ବିରୁଦ୍ଧରେ ସଂଘ ଦୃଢ ନିନ୍ଦା କରିବା ସହ ଯଦି ଯଥାଶୀଘ୍ର ଏନେଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ଆଗାମୀ ଦିନରେ ସାରା ରାଜ୍ୟରେ ଯେଉଁ ଆନ୍ଦୋଳନ ହେବ ସେଥିରେ ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ନ୍ୟାୟ ପାଇଁ ଲଢେଇ କରିବ ବୋଲି ନିଷ୍ପତି ନିଆଯାଇଛି । କରୋନା ମହାମାରି ସମୟରେ ସାମ୍ବାଦିକ ମାନେ ନିଜ ଜୀବନକୁ ବିପନ୍ନ କରି କିପରି କରୋନା ଠାରୁ ଦୂରେଇ ରହିବେ ସେନେଇ ଦିନ ରାତି ସଚେତନତା କାର୍ଯ୍ୟରେ ନିଯୋଜିତ ହୋଇଥିବା ବେଳେ ପୁରୀ ପୋଲିସର ଏଭଳି କଠୋର ବ୍ୟବହାର ରାଜ୍ୟ ସରକାରଙ୍କ ଘୋଷଣା କରିଥିବା କରୋନା ଯୋଦ୍ଧାଙ୍କ ପାଇଁ ଏହା ଏକ ପରିହାସ ସଦୃଶ ମନେ ହେଉଛି । ଉତ୍କଳ ସଂଘ ପକ୍ଷରୁ ଆୟୋଜିତ ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମହାନ୍ତି ଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ । ସେହିପରି ମାଲକାନଗିରି ୟୁନିଅନ ଅଫ ଜନାଲିଷ୍ଟ ପକ୍ଷରୁ ସଭାପତି ଦେବ ପ୍ରସାଦ ଦାଶ, ଉପସଭାପତି ସତ୍ୟ ନାରୟଣ ପଣ୍ଡା, ଉପଦେଷ୍ଟା ଗୋପୀ କୃଷ୍ଣ ପଟ୍ଟନାୟକ, ଦେବବ୍ରତ ସାନା ଓ ଭାସ୍କର ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳ ଡ଼ଃ ଯେଦୁଲା ବିଜୟକୁ ପୁରୀ ସାମ୍ବାଦିକ ଙ୍କୁ ଆକ୍ରମଣ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ପୋଲିସ କର୍ମଚାରିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ !

ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

ମାଲକାନଗିରି,୨୨/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି କଂଗ୍ରେସ ଭବନ ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି ! ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସାଧାରଣ ସମ୍ପାଦକ ରାମ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କମଳା ବରାଳ, କେଶୁ ରାଓ, ଙ୍କ ସମତେ ବହୁ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ରାଜୀବ ଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ !କୋଭିଡ ଗାଇଡ଼ ଲାଇନ ପାଳନ କରାଯାଇ ବଳିଦାନ ଦିବସ ପାଳନ ହୋଇଥିଲା !

ମଇ ମାସ ଶେଷ ହେବାକୁ ବସିଲାଣି ସରକାରଙ୍କ ଧାନମଣ୍ଡି ଖୋଲିଲାନି

କଣାସ,୨୨/୫ (ନି.ପ୍ର): ଚାଷୀର ପ୍ରଗତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ଗଣମାଧ୍ୟମରେ କୁମ୍ଭିରକାନ୍ଦଣା କାନ୍ଦୁଥିବା ବେଳେ ମଇ ମାସ ଶେଷ ହେବାକୁ ବସିଲାଣି ପୁରୀ ଜିଲ୍ଲା କଣାସ ବ୍ଲକରେ ସରକାରୀ ମଣ୍ଡି ଧାନ କିଣିବା ପାଇଁ ଖୋଲି ନ ଥିବାରୁ ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗାଁ ମାହାଜନଙ୍କ ଠାରୁ ଆଣିଥିବା ଋଣକୁ କିପରି ସୁଝିବେ ସେଥିପାଇଁ ଆନ୍ଧ୍ର ବେପାରୀମାନଙ୍କୁ ଶାଗମାଛ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି । ଏ ସମ୍ପର୍କରେ କଣାସ ବ୍ଲକ ଯୋଗାଣ ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ପ୍ରୋସେସିଙ୍ଗ ଚାଲିଛି ଶୀଘ୍ର ଧାନ କିଣାଯିବ । ପ୍ରକାଶ ଥାଉ କି, ପ୍ରତିବର୍ଷ କଣାସ ବ୍ଲକର ୯ରୁ ଉର୍ଦ୍ଧ୍ୱ ସମବାୟ ସମିତିକୁ ଧାନମଣ୍ଡି ଖୋଲିବା ପାଇଁ ନିର୍ଦ୍ଦେଶ ମିଳିଥାଏ । ଆଜି ପର୍ଯ୍ୟନ୍ତ ସରକାରଙ୍କ ନିର୍ଦ୍ଦେଶ ଆସିନଥିବାରୁ କେତେକ ସଂପାଦକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସମ୍ପାଦକମାନେ କୁହନ୍ତି, ଯେଉଁ ଚାଷୀମାନେ ଧାନ ବିକିବାପାଇଁ ପଞ୍ଜିକୃତ ହେଉଛନ୍ତି ସେମାନଙ୍କର ପଟା, ପାଉତି, ଆଧାରକାର୍ଡ ଦାଖଲ କରିବାପାଇଁ ନିର୍ଦ୍ଦେଶ ଥିବାରୁ ଅଧିକାଂଶ ଚାଷୀଙ୍କ ବାପା ଓ ଜେଜେଙ୍କ ନାମରେ ଜମିର ପଟ୍ଟାଥିବା ଓ ସେମାନେ ମୃତ ହୋଇଯାଇଥିବା ଏବଂ ଆଧାରକାର୍ଡ ନଥିବାରୁ ଚାଷୀମାନେ ପଞ୍ଜିକୃତ ହୋଇପାରୁନଥିବାରୁ ସରକାର ଧାନମଣ୍ଡି ଖୋଲିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଚାଷୀମାନେ ଆନ୍ଧ୍ର ବେପାରୀମାନଙ୍କୁ ଶାଗମାଛ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ।

ତିନିଟି ବାହାଘର ଉପରେ ପୋଲିସର ଚଢ଼ାଉ

ଜୟପୁର,୨୨/୫ (ନି.ପ୍ର): ଜୟପୁର ସହରରେ ଦିନକୁ ଦିନ ଉପରମୁହାଁ ହେଉଛି କରୋନା ଗ୍ରାଫ । ଏହାର ସଂକ୍ରମଣର ଚେନ୍‌କୁ ଭାଙ୍ଗିବା ପାଇଁ ଲକ୍‌ଡାଉନ୍ ଏବଂ ସଟ୍‌ଡାଉନ୍ ଜାରି ରହିଛି । ଏହି ସମୟରେ ବାହାଘର କରି ଭୋଜିଭାତରେ ଲୋକେ ଭିଡ଼ କରିବାକୁ ମନା କରାଯାଇଛି । କେବଳ ୨୫ ଲୋକଙ୍କୁ ନେଇ ଏସବୁ ଆୟୋଜନ ପାଇଁ ସରକାର ନିର୍ଦ୍ଦେଶ କରିଛନ୍ତି । ଏସବୁ ସତ୍ତ୍ୱେ ମଧ୍ୟ ଜୟପୁର ସହରରେ କିଛି ଅମାନିଆ ମାନେ କରୋନା ନିୟମ ନମାନି ଶହ ଶହ ଲୋକଙ୍କୁ ନେଇ ଭୋଜି ଭାତ ଆୟୋଜନ କରୁଛନ୍ତି । ଆଜି ଏମାନଙ୍କୁ ସାବାଡ଼ କରିବା ପାଇଁ ଜୟପୁର ଟାଉନ୍ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ ଏବଂ ତହସିଲଦାର ପ୍ରଜ୍ଞାନ ଟୁଲି ଆମ ମିଳିତ ଭାବେ ସହର ତିନିଟି ଭୋଜି ସ୍ଥାନରେ ଚଢ଼ାଉ କରିଛନ୍ତି । ସହରର ସମ୍ବାରତୋଟା, କୁମ୍ଭାର ସାହି ଏବଂ ମାଣ୍ଡିଆ ବନ୍ଧ ସାହିରେ ଚଢ଼ାଉ କରି ତିନିଟି ସ୍ଥାନରୁ କୋଭିଡ ନିୟମ ଉଲ୍ଲଂଘନ ବାବଦକୁ ମୋଟ ୨୦ହଜାର ଟଙ୍କା ଜରିମାନା ଆଦାୟ କରିଛି । ପୋଲିସ୍ ଆଗକୁ ମଧ୍ୟ ଯାଂଚକୁ କଡ଼ାକଡ଼ି କରାଯିବ ବୋଲି କହିଛନ୍ତି ଜୟପୁର ଏସଡିପିଓ ଅରୂପ ଅଭିଷେକ ବେହେରା ।

ଜୁନିୟର ରେଡକ୍ରସ ସମ୍ମିଳନି ଅନୁଷ୍ଠିତ

ଜୟପୁର,୨୨/୫ (ନି.ପ୍ର): କୋରାପୁଟ ଜିଲାର ରେଡକ୍ରସ କାର୍ଯ୍ୟକ୍ରମକୁ ତୃଣମୁଳସ୍ତରରେ ପହଂଚାଇବା ଏବଂ କୋରନା ମହାମାରୀରୁ ରକ୍ଷା ପାଇବା ନିମନ୍ତେ ଗ୍ରାମାଂଚଳରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଜିଲା ଜୁନିୟର ରେଡକ୍ରସ ସୋସାଇଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ଯକ୍ଷେଶ୍ୱର ପଣ୍ଡାଙ୍କ ଉଦ୍ୟମରେ ଆୟୋଜିତ ଏହି ବୈଠକରେ ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ବାସୁଦେବ ରଥ, ଜିଲା ସାଧନା କର୍ମୀ ଏବଂ ବିଭିନ୍ନ ବ୍ଲକର ବ୍ଲକ ସଂଯୋଜକ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ଜୁନିୟର ରେଡକ୍ରସ ସୋସାଇଟି ତରଫରୁ ପ୍ରକାଶିତ ନିୟୁସ ଲେଟରକୁ ଲୋକାର୍ପଣ କରାଯାଇଥିଲା । ଏହି ନିୟୁସ ଲେଟରକୁ ବର୍ଷକୁ ୪ ଥର ପ୍ରକାଶ କରିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଗ୍ରାମାଂଚଳରେ ରେଡକ୍ରସ କାର୍ଯ୍ୟକ୍ରମ ହାତ ଧୁଆ, ସାମାଜିକ ଦୂରତ୍ୱ, ନିୟମିତ ମାସ୍କ ପରିଧାନ, ବାହାରକୁ ନ ବାହାରି ଘରେ ରହିବା ଏବଂ ସାନିଟାଇଜର ବ୍ୟବହାର କରିବା ଉପରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ବ୍ଲକ ସଂଯୋଜକ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ରଞ୍ଜନ ନନ୍ଦ, ସାହେଦା ପରଓିନ, ହରେକୃଷ୍ଣ ମହାରଣା, ରାଧାଶ୍ୟାମ ସାହୁ, ଶୁଭସ୍ମିତା ସାହୁ, ସପନ କୁମାର ଦୀକ୍ଷିତ, ନବୀନ କୁମାର ବିଶ୍ୱାସ, ଅଜିତ କବି, ପ୍ରଦୀପ କୁମାର ପଣ୍ଡା, ପ୍ରସନ୍ନ କୁମାର ଦାସ, କୋରାଚାନ୍ଦ ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ ।

ଗର୍ଭବତୀଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ

ଗଞ୍ଜାମ,୨୨/୫ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଥିବା ସମ୍ଭାବ୍ୟ ବାତ୍ୟା ୟଶକୁ ନେଇ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୨୬ ତାରିଖରେ ଏହା ପୂର୍ବତଟରେ ସ୍ଥଳ ଭାଗ ଛୁଇଁବ । ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହେବା ସହ ଜିଲ୍ଲାର ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି), ଉପଖଣ୍ଡ ଚିକିତ୍ସାଳୟ, ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରସ୍ତୁତ ରହିବାକୁ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ବୈଠକ କରି ପ୍ଲାନିଂ କରିବାକୁ କୁହାଯାଇଛି । ସମ୍ପୃକ୍ତ ଅଂଚଳର ଗର୍ଭବତୀଙ୍କୁ ନିକଟସ୍ଥ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ସହ ଜଟିଳ ସ୍ଥିତିରେ ଥିବା ଗର୍ଭବତୀଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କରୋନା ଆକ୍ରାନ୍ତ ହୋଇ ଗୃହ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଡେଡିକେଟେଡ୍ କୋଭିଡ୍ କେୟାର ସେଂଟର ଏବଂ ଲକ୍ଷଣଯୁକ୍ତ ଗୁରୁତର କରୋନା ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ଏଥିରେ କୁହାଯାଇଛି । ଜରୁରୀକାଳୀନ ପରିସ୍ଥିତି ପାଇଁ ୨୪ ଘଂଟିଆ କଂଟ୍ରୋଲ ରୁମ୍ କରି ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜିତ ରଖିବାକୁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ଡ଼ାକ୍ତରଖାନାରେ ଜେନେରେଟର ସେଟ୍ ମହଜୁଦ୍ ରଖିବା ସହ ମୋଟର ପମ୍ପ ରଖିବାକୁ କୁହାଯାଇଛି । ବାତ୍ୟା ପରବର୍ତି ସ୍ଥିତିକୁ ନେଇ ତୀକ୍ଷ୍ଣ ନଜର ରଖିବାକୁ ମଧ୍ୟ କୁହାଯାଇଛି । ଜିଲ୍ଲାର ସମସ୍ତ ପିଏଚସି, ସିଏଚସି ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଜରୁରୀକାଳୀନ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୋବାଇଲ୍ ହେଲଥ ଟିମ୍ ପ୍ରସ୍ତୁତ ରହିବା, ଅସ୍ଥାୟୀ କ୍ୟାମ୍ପ ପାଇଁ କର୍ମଚାରୀ ସମେତ ଔଷଧ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଲକଡାଉନରେ ବାଲ୍ୟ ବିବାହକୁ ରୋକିଲା ଚାଇଲଡ଼ ଲାଇନ

ଝାରସୁଗୁଡା,୨୨/୫ (ନି.ପ୍ର): ଲକ ଡାଉନ ବଳବର୍ତ୍ତର ରହିଥିବା ବେଳେ ମଧ୍ୟ ଝାରସୁଗୁଡା ଜ଼ିଲ୍ଲାର ଲୋଇସିଙ୍ଗ ପଂଚାୟତର ଗୋଟିଏ ଗାଁରେ ବାଲ୍ୟ ବିବାହ ହେବାକୁ ଥିବାବେଳେ ଏହାକୁ ଚାଇଲଡ଼ ଲାଇନ, ପୋଲିସ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ର ମିଳିତ ଉଦ୍ୟମରେ ବନ୍ଦ କରାଯାଇଛି । ଗତକାଲି ସନ୍ଧ୍ୟାରେ ବାଲ୍ୟ ବିବାହର ସୂଚନା ଚାଇଲଡ଼ ଲାଇନ କୁ ଆସିଥିଲା । ତୁରନ୍ତ ଚାଇଲଡ଼ଲାଇନ ର ଜ଼ିଲ୍ଲା ସଂଯୋଜକ ଆଶିଷ କୁମାର ପଣ୍ଡା ଏ ବିଷୟରେ ସି.ଡି.ପି.ଓ.କୁ ଅବଗତ କରିବା ସଙ୍ଗେ ସଙ୍ଗେ ବ୍ରଜରାଜନଗର ଥାନାଧିକାରୀ ବୈକୁଣ୍ଠ ବିହାରୀ ସେଠକୁ ମଧ୍ୟ ବାଲ୍ୟ ବିବାହକୁ ରୋକିବା ପାଇଁ ଅନୁରୋଧ କରିଥିଲେ । ଗତକାଲି ରାତିରେ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ଶଶିଭୂଷଣ ପୋଡ଼ ଏବଂ ଲୋଇସିଂହ ସରପଂଚ ମଞ୍ଜୁଳତା ୱାଗ ନାବାଳିକାର ଘରକୁ ଯାଇ ବାଲ୍ୟବିବାହ ବନ୍ଦ କରିବା ପାଇଁ ବୁଝାଇଥିଲେ । ଆଜି ପୁଣି ଚାଇଲଡ଼ ଲାଇନର ଜିଲ୍ଲା ସଂଯୋଜକ ଆଶିଷ କୁମାର ପଣ୍ଡା,ସି.ଡି.ପି.ଓ.ଗ୍ରାମାଂଚଳ ସୁପ୍ରଭା ମହାପାତ୍ର, ସୁପ୍ରର ଭାଇଜର ବରୁଣୀ ସା, ଚାଇଲଡ଼ ଲାଇନ ସଦସ୍ୟା ଟିକେଶ୍ୱରୀ ପଟେଲ ନାବାଳିକା ଘରକୁ ଯାଇ ନାବାଳିକା ର ପରିବାର ବର୍ଗଙ୍କୁ ଭେଟିଥିଲେ । ଚାଇଲଲାଇନ ଜିଲ୍ଲା ସଂଯୋଜକ ପଣ୍ଡା ବାଲ୍ୟ ବିବାହ ନିଷେଧ ଆଇନ ଏବଂ ବାଲ୍ୟବିବାହର କୁପରିଣତି ବିଷୟରେ ବୁଝେଇଥିଲେ । ନାବାଳିକା ର ପରିବାର ବର୍ଗ ଆଇନ ବିଷୟରେ ବୁଝି ସାରିଲା ପରେ ନାବାଳିକାର ବିବାହକୁ ବନ୍ଦ କରିବା ପାଇଁ ରାଜି ହେଇଥିଲେ ଏବଂ ନାବାଳିକାର ୧୮ ବର୍ଷ ପୂରଣ ହେଲେ ବିବାହ କରିବୁ ବୋଲି ରାଜିନାମା ପତ୍ର ଦାଖଲ କରିଥିଲେ । ନାବାଳିକାର ବୟସ ୧୫ ବର୍ଷ ହୋଇଥିବା ବେଳେ ତାର ବିବାହ ସୁନ୍ଦରଗଡ଼ ଜ଼ିଲ୍ଲାର ଏକ ୨୫ ବର୍ଷୀୟ ଯୁବକଙ୍କ ସହିତ ଠିକ ହୋଇଥିଲା । ଆଜି ବରଯାତ୍ରୀ ଆସିବାକୁ ଥିବାବେଳେ ବାଲ୍ୟବିବାହକୁ ବନ୍ଦ କରାଯାଇଥିଲା । ଚାଇଲଡ଼ଲାଇନ ପକ୍ଷରୁ ଏ ବିଷୟରେ ଶିଶୁ ମଙ୍ଗଳ କମିଟିରେ ସୂଚନା ପ୍ରଦାନ କରାଯାଇଥିବା ସଙ୍ଗେସଙ୍ଗେ ଗାନ୍ଧୀଛକ ଫାଣ୍ଡିରେ ଷ୍ଟେସନ ଡାଏରି କରାଯାଇଛି ।

ଭୁବନେଶ୍ୱରରୁ ଫେରୁଥିବାବେଳେ ସାମ୍ବାଦିକଙ୍କ କାର ଦୁର୍ଘଟଣାଗ୍ରସ୍ତ

କନ୍ଧମାଳ,୨୨/୫ (ନି.ପ୍ର): ଭୁବନେଶ୍ୱରରୁ ଫୁଲବାଣୀକୁ କାର ଯୋଗେ ପରିବାର ସହିତ ଫୁଲବାଣୀ ଫେରୁଥିବାବେଳେ ଫୁଲବାଣୀର ସାମ୍ବାଦିକ ସୁନିଲ ବିଶ୍ୱାଳଙ୍କ କାର ସହିତ ଏକ ଟ୍ରକ ମୁହାମୁହିଁ ହେବା ଫଳରେ କାରଟି ଦୁର୍ଘଟଣା ଗ୍ରାସ୍ତ ହୋଇଛି । ଏଥିରେ ସାମ୍ବାଦିକ ସୁନିଲ ଏବଂ ତାଙ୍କ ପତ୍ନୀ ଗୁରୁତର ଭାବରେ ଆହତ ହୋଇଛନ୍ତି । ସୂଚନା ଅନୁସାରେ ସୁନିଲ ବିଶ୍ୱାଳ କୌଣସି କାର୍ଯ୍ୟରେ ଭୁବନେଶ୍ୱରକୁ ଯାଇ କାର୍ଯ୍ୟସାରି ଫୁଲବାଣୀ ଫେରୁଥିବାବେଳେ ସେଠାରେ ଦୁର୍ଘଟଣା ଘଟିଥିଲା ଏଥିରେ ସେମାନେ ଆହତ ହେବା ସହିତ ତାଙ୍କ କାରଟି ମଧ୍ୟ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି । ଖବର ପାଇ ଫୁଲବାଣୀରୁ ସାମ୍ବାଦିକ ହୀମାଂଶୁ ବେହେରା ଏବଂ ହୁରଞ୍ଜନ ସେଠୀ ଘଟଣା ସ୍ଥଳରେ ପହଂଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରି ଘଟଣା ସ୍ଥଳରୁ ଉଭୟ ଆହତଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଆଣି ଥିଲେ । ସେଠାରେ ସେମାନଙ୍କର ଚିକିତ୍ସା ଜାରୀ ରହିଛି । ତେବେ ସେମାନଙ୍କର ଆବସ୍ଥା ଭଲ ଥିବା ଜଣାପଡିଛି । ଏହି ଖବର ପାଇବାପରେ ଫୁଲବାଣୀର ସାମ୍ବାଦିକ ମାନେ ଡାକ୍ତରଖାନାରେ ପହ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,ରବିବାର, ୨୩ ମଇ, ୨୦୨୧
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : **ଜୀବନାନୁଭୂତି**

ମୋର ପୂର୍ବ ସ୍ମୃତି କଥା

ଭାଗ-୨୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ସାହେବଙ୍କ ଆଦେଶରେ ତାଙ୍କ ଚପରାସୀ ଓ ଚାକରମାନେ ତାକୁ ଧରିବାକୁ ଚେଷ୍ଟାକଲେ । କିନ୍ତୁ ଧରି ପାରିଲେ ନାହିଁ । ଗାଈ ଗୁହାଳକୁ ପଳାଇ ଆସିଲା । ସାହେବ କହିଲେ ଯେ, ଗାଈକୁ ବନ୍ଧୁକରେ ଲାଛିଦେବେ । ଗୁହାଳରୁ ଗାଈକୁ ଧରି ଆଣିବା ପାଇଁ ସେମାନଙ୍କୁ ପୁଣି ପଠାଇଲେ । ଗୁହାଳ ଘର ବାହାରେ, କିଛି ଦୂରରେ । ସେମାନେ ଗାଈକୁ ଆଣିବା ପାଇଁ ଗୁହାଳକୁ ଗଲେ, କିନ୍ତୁ ଆଣିପାରିଲେ ନାହିଁ ଓ ସାହେବଙ୍କୁ ଯାଇ ଜଣାଇଲେ । ସାହେବ ତପ୍ରରେ ନିଜେ ଆସିଲେ ଓ ଘର ସମୁଖସ୍ଥ ସଡ଼କରେ ଛିଡ଼ା ହୋଇ ସେମାନଙ୍କୁ ପୁଣି ପଠାଇଲେ । ସେମାନେ ଫେରିଯାଇ ସଡ଼କରେ ଦଣ୍ଡାୟମାନ ସାହେବଙ୍କୁ ଜଣାଇଲେ ଯେ, ଗାଈ ସେମାନଙ୍କୁ ଶିଙ୍ଗ ଓ ଗୋଡ଼ରେ ମାଇଲା । ତପ୍ରରେ ଘରେ ଯେ ଅଛି ତାକୁ ଡାକିଆଣିବା ପାଇଁ ସେମାନଙ୍କୁ କହିଲେ । ଘର ବାହାର ବାରଣ୍ଡାରେ ମୋ ମାଳୀ ଭରତ ତୁଙ୍ଗ ଶୋଇଥିଲା । ଜଣେ ଚପରାସୀ ତାକୁ ସାହେବଙ୍କ ପାଖକୁ ଡାକି ନେଇଗଲା । ସାହେବ ତାକୁ ଦେଖିଲା ମାତ୍ରକେ କୌଣସି କଥା ନ କହି ତାକୁ ପ୍ରହାର କରିବାକୁ ଲାଗିଲେ । ସେ ଚିତ୍କାର କଲା । ଘରେ ମୋ ବୃଦ୍ଧ ପିତା, ସ୍ତ୍ରୀ, ଶିଶୁକନ୍ୟା ମନୋରମା, ଢେଙ୍କାନାଳବାସୀ ମାଧବ ପୂଜାରୀ ଓ ଚାକର ଦୌଡ଼ିଲେ ଓ ମାଳୀକୁ ମାରୁଥିବା ଦେଖି ମୋ ପିତା "ସାହେବ ! ଆମ୍ଭ ମାଳୀକୁ କାହିଁକି ମାରୁଛ" ବୋଲି କହିଲେ । ତାକୁ ଛାଡ଼ି ବେତ୍ର ହସ୍ତରେ ମୋ ପିତାଙ୍କୁ ଆକ୍ରମଣ କରିବାକୁ ଦୌଡ଼ିଲେ । ଏହି ଅବସରରେ ପୂଜାରୀ ଫାଟକର ଅର୍ଗଳରୁ ଗୋଟିଏ ବାଉଁଶ ଟାଣି ସାହେବଙ୍କୁ ତିନିଚାରି ପାହାର କସିଲା । ସାହେବ ମାଡ଼ଖାଇ ସଦଳବଳେ ପଳାଇଗଲେ । ଅଳ୍ପ ସମୟ ଉତ୍ତାରେ ଥାନା ସବ୍‌ଇନ୍‌ସପେକ୍ଟର ସମ୍ବଲପୁରବାସୀ ବୃନ୍ଦାବନ ପଟ୍ଟନାୟକ ଆସି ମୋ ପିତାଙ୍କୁ ସାହେବଙ୍କଠାକୁ ଘେନିଗଲେ । ଜଣାଗଲା, ସାହେବ ମାଡ଼ ଖାଇ ଅପମାନିତ ବୋଧକରି ତାଙ୍କୁ ଡକାଇ କହିଲେ ଯେ, ମୋ ପିତା ତାଙ୍କ ଅପମାନ ଦେଇଛନ୍ତି ଓ ସେ ତାଙ୍କୁ କ୍ଷମା ପ୍ରାର୍ଥନା ନକଲେ ତାଙ୍କୁ ଗ୍ରେପ୍ତାର କରି ହାଜତରେ ଦେବେ ଓ ମୋ ପିତାଙ୍କୁ ଏହି କଥା ତନ୍‌ମୁହୂର୍ତ୍ତରେ ଯାଇ ଜଣାଇଦେବା ପାଇଁ ପଠାଇଲେ । ମୋ ପିତା ଅତ୍ୟନ୍ତ ସରଳ ପ୍ରକୃତିର ଲୋକ । ବୃନ୍ଦାବନ ବାବୁ ତାଙ୍କୁ ସାହେବଙ୍କ ପାଖକୁ ଘେନିଗଲେ ଓ ବଳାତ୍କାର କ୍ଷମା ମଗାଇଲେ ।

ମୋ ସହଧର୍ମିଣୀ ଏ ସମସ୍ତ ବିଷୟ ତାଙ୍କ ପତ୍ରରେ ଲେଖିଥିଲେ ହେଁ ଘରକୁ ଆସି ମୋ ପିତା ଓ ଚାକରଙ୍କଠାରୁ ଯାହା ଜ୍ଞାତବ୍ୟ ସେ ସମସ୍ତ ବିଷୟ ଶୁଣି ଡେପୁଟି କମିଶନର ଟେଲର୍ ସାହେବଙ୍କଠାକୁ ଗଲି ଓ ସମସ୍ତ ବିଷୟ ଜଣାଇଲି । ଟେଲର୍ ସାହେବ ବୃଦ୍ଧାଲୋକ । ସେ ପ୍ରାଇସ୍ ସାହେବଙ୍କୁ ଡକାଇଲେ ଓ ମୁଁ ଜଣାଇଥିବା ବିଷୟରେ ତାଙ୍କୁ ପଚାରିଲେ । ସେ କହିଲେ, ମୋ ଗାଈ ପ୍ରତ୍ୟହ ତାଙ୍କ ବଗିଚାକୁ ଯାଇ ଫସଲ ନଷ୍ଟକରେ, ସେହି ରାତିରେ ଯାଇଥିଲା, ତାଙ୍କ ଚାକରମାନେ ତାକୁ ଧରିବାକୁ ଚେଷ୍ଟାକଲେ, କିନ୍ତୁ ଧରିପାରିଲେ ନାହିଁ । ଏହି ସମୟରେ ମୋର ପିତା ଆସି ତାଙ୍କୁ ଅପମାନସୂଚକ କଥା କହିଥିଲେ । ଟେଲର୍ ସାହେବଙ୍କୁ ମୁଁ କହିଲି-

"ପ୍ରାଇସ୍ ସାହେବଙ୍କୁ ପଚାରନ୍ତୁ- କେଉଁଠାରେ କି କାରଣରୁ ମୋ ପିତା ତାଙ୍କୁ ଅପମାନସୂଚକ କଥା କହିଲେ ।" ପ୍ରାଇସ୍ ସାହେବ ମୋ ପ୍ରତି ରୋଷବ୍ୟଞ୍ଜକ ଦୃଷ୍ଟିପାତ କରି ଚୁପ୍ ରହିବାକୁ (You must keep quiet) ତୀବ୍ର ସ୍ୱରରେ ମୋତେ କହିଲେ । ତାଙ୍କ ଉକ୍ତିକୁ ଅବଜ୍ଞା କରି ପୁଣି ମୁଁ ସେହି ପ୍ରଶ୍ନ ତାଙ୍କୁ ପଚାରିବାକୁ ଟେଲର ସାହେବଙ୍କୁ ଅନୁରୋଧ କଲି । ଟେଲର୍ ସାହେବ ପ୍ରଶ୍ନର ଉତ୍ତରଦେବା ପାଇଁ ପ୍ରାଇସ୍ ସାହେବଙ୍କୁ କହିଲେ । ପ୍ରାଇସ୍ ସାହେବ ଉତ୍ତରରେ କହିଲେ ଯେ, ତାଙ୍କ ଚାକରମାନେ ଗାଈକୁ ଧରି ନ ପାରିବାରୁ ସେମାନଙ୍କୁ ସାହାଯ୍ୟ କରିବା ସକାଶେ ସେ ନିଜେ ମୋ ବସା ପର୍ଯ୍ୟନ୍ତ ଯାଇ ସମ୍ମୁଖସ୍ଥ ସଡ଼କରେ ଛିଡ଼ା ହୋଇଥିବା ସମୟରେ ମୋ ପିତା ଆସି ତାଙ୍କୁ ଅପମାନ କରିଥିଲେ । ମୁଁ କହିଲି ଯେ, ପ୍ରାଇସ୍ ସାହେବ କେତେକ କଥା ଲୁଚାଉଛନ୍ତି । ତତ୍‌କ୍ଷଣାତ୍ ପ୍ରାଇସ୍ କ୍ରୋଧରେ ଆସନରୁ ଉଠି ପଡ଼ିଲେ ଓ ମୋ ପ୍ରତି ନିତାନ୍ତ ଅଶ୍ଳୀଳ ଭାଷା ପ୍ରୟୋଗ କରିବାକୁ ଲାଗିଲେ । ବହୁ କଷ୍ଟରେ ମୁଁ ନିଜକୁ ସଂଯତ କଲି ଓ କହିଲି, "ପ୍ରାଇସ୍ ସାହେବ ମିଥ୍ୟା କହୁଛନ୍ତି, ସେ ନିଜେ ଯାଇ ମୋ ମାଳୀକୁ ମାଇଲେ ଓ ତାହାର ଚିତ୍କାର ଶୁଣି ମୋ ପିତା ଓ ଚାକରମାନେ ଆସି ପ୍ରତିବାଦ କରିବା ସମୟରେ ମୋ ପିତାଙ୍କୁ ମାରିବାକୁ ଉଦ୍ୟତ ହେଲେ । ଏହି ସମୟରେ ମୋ ପୂଝାରୀ ହାତରେ ନିଜେ ମାଡ଼ ଖାଇ ପଳାଇଲେ । ଏହା ସ୍ୱୀକାର କରିବାକୁ ତାଙ୍କୁ ଲଜ୍ଜାବୋଧ ହେଉଅଛି । ଯେଉଁ ସାହେବ ଅନୁଗୁଳର ଲୋକଙ୍କୁ କୁକୁର ବିରାଡ଼ି ପରି ମନେକରି ସେମାନଙ୍କୁ ମାଡ଼ ଦେଇ ଯାଉଛନ୍ତି, ସେ ମୋ ଚାକର ହାତରେ ମାଡ଼ ଖାଇବା କଣ କମ୍ ଲଜ୍ଜାର କଥା ? ସାହେବଙ୍କ ପିଚା ପିଠି ପରୀକ୍ଷା କରାଯାଉ । ମାଡ଼ର ଚିହ୍ନ ନିଶ୍ଚୟ ଥିବ ।" ବିଦ୍ୟୁତ୍ ବେଗରେ ପ୍ରାଇସ୍ ସାହେବ ମୋ ଆଡ଼କୁ ଦୌଡ଼ିଆସି ବାମ ହସ୍ତରେ ମୋ ବେକର ପଛ ଧରି ପକାଇଲେ ଓ ଦକ୍ଷିଣ ହସ୍ତ ଉଠାଇବାକୁ ଲାଗିଲେ । ମୁହୂର୍ତ୍ତମାତ୍ର ବିଳମ୍ବ ନ କରି ମୁଁ ତାଙ୍କ ଚିବୁକରେ ଏପରି ମୁଷ୍ଟ୍ୟାଘାତ କଲି ଯେ ତାଙ୍କ ତଳପାଟିର ଦାନ୍ତଗୁଡ଼ିକ ଉପର ଓଠକୁ କ୍ଷତ କରି ତହିଁରୁ ରକ୍ତ ବହିବାକୁ ଲାଗିଲା । ସେ ମୋତେ ଛାଡ଼ିଦେଲେ । ତପ୍ରରେ ମୁଷ୍ଟ୍ୟାଘାତର ଉପରେ ମୁଷ୍ଟ୍ୟାଘାତ; ନାକ, ମୁହଁ, କପାଳ, ଯେଉଁ ଆଡ଼େ ପାଇଲି ମାଇଲି । ସେତେବେଳେ ମୋ ବାହ୍ୟଜ୍ଞାନ ଆଉ ନାହିଁ । ଟେଲର୍ ସାହେବ ଛଡ଼ାଇବାକୁ ଲାଗିଲେ । ତାଙ୍କ ଚପରାସୀମାନେ ଧାଇଁଲେ ଓ ତାଙ୍କଠାରୁ ମୋତେ ଛଡ଼ାଇ ନେଇଗଲେ । ଅଳ୍ପ ଦୂରରେ ଛିଡ଼ା ହୋଇ ଦେଖିଲି, ସାହେବଙ୍କ ନାକ ମୁହଁରୁ ରକ୍ତ ବାହାରୁଛି ଓ ସାହେବ ରୁମାଲରେ ତାହା ପୋଛୁଛନ୍ତି ଓ ମନ୍ତ୍ରମୁଗ୍‌ଧବତ୍ ଛିଡ଼ା ହୋଇଛନ୍ତି । ଅଳ୍ପ ଦୂରକୁ ନେଇ ଟେଲର୍ ସାହେବ ମୋତେ ବସାଇଲେ ଓ ପ୍ରାଇସ୍‌କୁ ମାରି ଅନ୍ୟାୟ କାର୍ଯ୍ୟ କରିଅଛି ବୋଲି ମୋତେ ତିରସ୍କାର କରିବାକୁ ଲାଗିଲେ । ମୁଁ କହିଲି, କିପରି ପ୍ରାଇସ୍ ସାହେବ ମୂଳରୁ ଅନ୍ୟାୟ କରିଆସିଛନ୍ତି । ମୋ ଗାଈ ଯଦି ତାଙ୍କ ବଗିଚା ନଷ୍ଟକଲା, ତାକୁ କାଞ୍ଜିହାଉସ୍‌ରେ ଦେଇଥାନ୍ତେ କିମ୍ବା ତାକୁ ଯଦି ଧରି ନ ପାରିଲେ ମୋଠାରୁ କ୍ଷତିପୂରଣ ଦାବି କରିଥାନ୍ତେ । ତାହା ନ କରି ମୋ ଘରକୁ ଯାଇ, ମୋ ଚାକରକୁ ବିନା ଦୋଷରେ ମାରି, ପୁଣି ମୋ ପିତାଙ୍କୁ ମାରିବାକୁ ଉଦ୍ୟତ ହୋଇ, ବିନା ଦୋଷରେ ତାଙ୍କୁ ପୋଲିସ ଦ୍ୱାରା ଧରାଇ ନେଇ, ଅପମାନ ଦେଇ, ପୁଣି ତାଙ୍କୁ (ଡେପୁଟି କମିଶନର୍ ଟେଲର୍ ସାହେବଙ୍କୁ) ମୁଁ ମୋର ବକ୍ତବ୍ୟ ଜଣାଉଥିବା ସମୟରେ ତାଙ୍କ ସମ୍ମୁଖରେ ମୋ ପ୍ରତି ଅପମାନସୂଚକ ଭାଷା ପ୍ରୟୋଗକରି ଓ ପରିଶେଷରେ ମୋତେ ମାରିବା ପାଇଁ ମୋ ଦେହରେ ହସ୍ତକ୍ଷେପ କରି କ'ଣ ନ୍ୟାୟସଙ୍ଗତ କାର୍ଯ୍ୟ କରିଛନ୍ତି ? ଦୃଢ଼ଭାବରେ ମୁଁ ତାଙ୍କ ବ୍ୟବହାରର ତୀବ୍ର ପ୍ରତିବାଦ କଲି ଓ କହିଲି ଯେ, ଏହି ଶ୍ରେଣୀର ସାହେବମାନେ ଭାରତବାସୀଙ୍କ ମନରେ ସେମାନଙ୍କ ପ୍ରତି ଘୃଣାଭାବ ପୋଷଣର କାରଣ ହେଉଅଛନ୍ତି ଏବଂ ଗଭର୍ଣ୍ଣମେଣ୍ଟ ଏକାବେଳକେ ଏମାନଙ୍କୁ ଭାରତବର୍ଷରୁ ତଡ଼ିଦେବା ଉଚିତ୍ । ମୁଁ ଯଦି ସାହେବଙ୍କ ଦର୍ଶନରେ ଚୁପ୍ ରହିଥାନ୍ତି ତାହାହେଲେ ନିଶ୍ଚୟ ସେ ମୋତେ ମାରି ପକାଇଥାନ୍ତେ । ଏହା କି ସହ୍ୟ ହୁଏ ? ସେତେବେଳେ ମୋର ବୟସ ୨୫ ବର୍ଷ ମାତ୍ର । ପୂର୍ଣ୍ଣ ଯୌବନ । ସାହେବ ମୋତେ କହିଲେ, ମୋ ନାମରେ ଗଭର୍ଣ୍ଣମେଣ୍ଟକୁ ରିପୋର୍ଟ କରିବେ । ମୁଁ ଦୃଢ଼ଭାବରେ କହିଲି, ସେ ଯଦି ରିପୋର୍ଟ ନ କରନ୍ତି ତା'ହେଲେ ମୁଁ ନିଜେ ସମସ୍ତ ଘଟଣା ଉଲ୍ଲେଖକରି ଦରଖାସ୍ତ ଦେବି ଓ ତାହା ଗଭର୍ଣ୍ଣମେଣ୍ଟଙ୍କଠାକୁ ପଠାଇବାକୁ ଅନୁରୋଧ କଲି । ପୁଣି କହିଲି, "ଦରକାର ହେଲେ ମୁଁ ଚାକିରି ଛାଡ଼ିଦେବାକୁ ପ୍ରସ୍ତୁତ ଅଛି । ମୁଁ ଶିକ୍ଷିତ ବ୍ରାହ୍ମଣ ଯୁବକ; ଦଶଦିଗ ମୋ ପାଇଁ ଉନ୍ମୁକ୍ତ । ମୋର ଆତ୍ମସମ୍ମାନ ଅଛି । ଅନୁଗୁଳର ଚଷା ପ୍ରଜାଙ୍କ ପ୍ରତି ପ୍ରାଇସ୍ ସାହେବ ଯେଉଁ ବ୍ୟବହାର ନିଷ୍କଣ୍ଟକ ଭାବରେ ଚଳାଇଛନ୍ତି ତାହା ମୋ ପ୍ରତି ଖାଟିପାରିବ ନାହିଁ । ମୁଁ ତାଙ୍କ ବ୍ୟବହାରର ପ୍ରତିଫଳ ଦେବାକୁ ତିଳେ ମାତ୍ର କୁଣ୍ଠିତ ହେବି ନାହିଁ । ଦେଖିଲି, ଟେଲର୍ ସାହେବ ନରମ ହୋଇଗଲେ ଓ ଅଳ୍ପ ସମୟ କ'ଣ ଭାବନାକରି ପୁଣି ମୋତେ ଓ ପ୍ରାଇସ୍‌କୁ ସମ୍ବୋଧନ କରି କହିଲେ, "ଦେଖ, ତୁମ୍ଭେମାନେ ଦୁଇ ଭାଇ ପରି । ମୁଁ ବୃଦ୍ଧଲୋକ; ତୁମମାନଙ୍କ ପିତାଙ୍କ ବୟସର । ମୁଁ ଡେପୁଟି କମିଶନର ଭାବରେ କହୁନାହିଁ, ତୁମ୍ଭମାନଙ୍କ ହିତୈଷୀ ସ୍ୱରୂପ ଉପଦେଶ ଦେଉଅଛି । ଯାହା ହୋଇଗଲା ତାହା ଭୁଲିଯାଇ ପରସ୍ପର ପ୍ରତି କ୍ଷମାକରି ପୁଣି ବନ୍ଧୁଭାବରେ ରହ ।" ତପ୍ରରେ ଉଭୟଙ୍କ ହସ୍ତ ଟାଣି ପରସ୍ପର କରମର୍ଦ୍ଦନ କରିବାକୁ କହିଲେ । ପ୍ରଥମରେ ପ୍ରାଇସ୍ ସାହେବ ମୋ ଦକ୍ଷିଣ ହସ୍ତ ମର୍ଦ୍ଦନ କରିବା ଅନୁଭବ କଲି ।

(କ୍ରମଶଃ)

ପର୍ଦ୍ଦା ପଛର କଥା -୨

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ସାରୀପୁତ୍ତରୁ ମୋ ଭାଇ ଜଗା: ସଂଳାପ ଯାତ୍ରାର ପ୍ରାରମ୍ଭ (୧)

'ଏଇ ସଂଘର୍ଷ' ରିଲିଜ୍ ହେଲା । ବ୍ୟବସାୟିକ ସଫଳତା କେତେ ପାଇଲା ସେଇଟା ବଡ କଥା ନୁହେଁ, ତେବେ ସେ ବର୍ଷ ସିନେକ୍ରିଟିକ ପୁରସ୍କାର ଡେର୍ ପାଇଲା । ସରକାରୀ ପୁରସ୍କାର ବ୍ୟତୀତ ସିନେ କ୍ରିଟିକ ଆସୋସିଏସନ୍ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରି ପ୍ରୋତ୍ସାହନ ଦେବାରେ ବୋଧହୁଏ ଏକମାତ୍ର ଅନୁଷ୍ଠାନ ଥିଲା । ସବୁଠୁ ଖୁସି ଲାଗିଲା ମୋରି ଗୀତ 'ପାଦତଳେ ତୋ'ର କରୁଛି ଗୁହାରି' ପାଇଁ ଗାୟିକା ଲୋକିତା ମିଶ୍ରଙ୍କୁ 'ଶ୍ରେଷ୍ଠ ଗାୟିକା' ପୁରସ୍କାର ପ୍ରଦାନ କରାଗଲା ।

ସଂପୂର୍ଣ୍ଣ ଭାବରେ ମୁଁ ଗୀତମନସ୍କ ହୋଇ ପଡିଲି । ଏମିତି ତ ପିଲାଦିନୁ ମୁଁ ଛନ୍ଦର ମାୟାରେ ବନ୍ଧା ଥିଲି । ବୋଉର ହାର୍‌ମୋନିୟମ୍‌ର ଧ୍ୱନି, ବାପାଙ୍କ ଗୀତ ଡାଏରୀ, ଏସବୁ ମୋ ପାଇଁ ଯଥେଷ୍ଟ ଥିଲା । ମନେଅଛି ପିଲାଦିନେ ବାହାଘର ଉତ୍ସବରେ ମଁ ବସୁଥିଲି ବାଜାବାଲାଙ୍କ ପାଖରେ ସକଳ ବାରଣ ସତ୍ତ୍ୱେ । ବାଜାର ଧୂନ୍ ଓ ତାଳକୁ ଲକ୍ଷ୍ୟ କରୁଥିଲି । ବାଜା ପାଇଁ ମୋର ଆଗ୍ରହ ଦେଖି ବାପା କଟକ ସହର ବୁଲି ବୁଲି ଗୋଟେ ଚିତ୍ରାଳୟରୁ ଛୋଟ ଢ଼ୋଲଟିଏ କିଣି ଆଣିଥିଲେ ।

ଏଥି ଭିତରେ ରୀତିମତ୍ ଗୀତଲେଖା ଚାଲିଥିଲା ନାଟକରେ । ନିର୍ଦ୍ଦେଶନା ଦେବା ସହ ନାଟକରେ ଗୀତ ଲେଖିବା ଏକରକମ୍ ହବି ପାଲଟି ଯାଇଥିଲା । କିନ୍ତୁ କେବେବି ଭାବି ନଥିଲି ସଂଳାପ/ନାଟକର ମୋହରେ ପଡିଯିବି ବୋଲି ।

ହାଇସ୍କୁଲ କୋର୍ସରେ ବୌଦ୍ଧଭିକ୍ଷୁ ସାରିପୁତ୍ତଙ୍କ ଜୀବନ କାହାଣୀ ମତେ ଭୀଷଣ ଭାବରେ ପ୍ରଭାବିତ କଲା । ତାଙ୍କର ତ୍ୟାଗପୂତ ଜୀବନ, ମାଆ ଆଉ ପ୍ରେମିକାର ମୋହ ତ୍ୟାଗକରି ଭିକ୍ଷୁ ହେବା ଓ ପରିଶେଷରେ ମାଆଙ୍କୁ ଭିକ୍ଷା ମାଗିବା ଆଜି ଘଟଣାବଳି ମୋ ମନରେ ଗଭୀର ରେଖାପାତ କଲା । ସାରୀପୁତ୍ତଙ୍କ କାହାଣୀକୁ ନେଇ ପ୍ରଥମ ନାଟକ ରଚନା କଲି । ଗୀତର ସିକ୍ୟୁନ୍ସ ବାହାର କରି ଗୀତ ମଧ୍ୟ ଲେଖି ଦେଲି ।

କିନ୍ତୁ ହାୟ ! ସାରିପୁତ୍ତ କେଉଁଠାରେ ମଞ୍ଚସ୍ଥ ହୋଇ ପାରିଲା ନାହିଁ । ମନ ଭାଙ୍ଗିଗଲା ରାଜଧାନୀ କଲେଜରେ ପାଠ ପଢ଼ିବା ବେଳେ ଆନ୍ତଃଶ୍ରେଣୀୟ ନାଟକ ପ୍ରତିଯୋଗିତା ନିମନ୍ତେ "ବାଟଅବାଟ" ନାମରେ ଏକ ଅଧଘଣ୍ଟା ଅବଧିର ନାଟକ ଲେଖିଥିଲି । ମାତ୍ର ପାଣ୍ଡୁଲିପିଟି ହଜିଯିବାରୁ ମୁଁ ପ୍ରତିଯୋଗିତାରେ ଭାଗ ନେଇ ପାରିଲିନାହିଁ । କିନ୍ତୁ ଅଭିନୟ ଓ ଗୀତ ରଚନା ପାଇଁ କଲେଜରେ ବେଶ୍ ତାରିଫ୍ ପାଇଥିଲି । ମୋ ରଚିତ ଗୀତକୁ ମ୍ୟାଡାମ୍ ପଦ୍ମାଳୟା ଗରାଗହୁ ସୁନ୍ଦର ଭାବରେ ସ୍ୱର ଦେଇ ଗାଇଥିଲେ ।

ଏସବୁ ଘଟଣାକ୍ରମରେ ମୁଁ ସଂଳାପ ରଚନା କଥା ଭୁଲିଗଲି । ଗୀତ ମୋ ପାଇଁ ସ୍ୱପ୍ନ ଆଉ ବାସ୍ତବତାର ପରିପ୍ରକାଶ ହୋଇଗଲା ।

ହଠାତ୍ ଦିନେ ନିର୍ଦ୍ଦେଶକ ରଜନୀକାନ୍ତ ସାମନ୍ତରାୟ ମୋ କଲେଜରେ ପହଞ୍ଚିଲେ । ସାଥିରେ ଜଣେ ସୌମ୍ୟ ଦର୍ଶନ ଯୁବକ । ମତେ କହିଲେ ରଜନୀ ବାବୁ, ମୁଁ ଆଉ ଗୋଟିଏ ସିନେମା କରୁଛି ମୋ ନିଜ ପ୍ରଡକ୍‌ସନ ହାଉସ୍‌ରେ । ଆପଣ ଗୀତ ସହ ସଂଳାପ ଲେଖିବେ । ଆଉ ଏ ବାବୁ ଆମର ହିରୋ ହେବେ । ମୁଁ ଚମକି ପଡ଼ିଲି । 'ଏଇ ସଂଘର୍ଷ' ପରେ ମୋ ଉପରେ ଏତେ ମାତ୍ରାରେ ଖୁସି (ଖୁସି କୁହାଯିବନି ତ' ଆଉ କଣ) ହୋଇ ସଂଳାପର ଗୁରୁ ଦାୟିତ୍ୱ ରଜନୀବାବୁ ଦେବେ, ଏକଥା କେବେ ବି ଭାବି ନଥିଲି ।

ତେବେ ସେଦିନର ସେ ସୌମ୍ୟଦର୍ଶନ ଯୁବକ ଜଣକ ଆଜିକାର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ଥିଲେ । ଅନେକ ତାଙ୍କର ଅଭିନୀତ ପ୍ରଥମ ଚଳଚ୍ଚିତ୍ର ଭାବରେ 'ଶ୍ରଦ୍ଧାଞ୍ଜଳି'କୁ ଗ୍ରହଣ କରିଥାନ୍ତି ଯଦିଓ ପ୍ରଥମ ମୁକ୍ତିପ୍ରାପ୍ତ ଚଳଚ୍ଚିତ୍ର "ପ୍ରଥର ଖସୁଛି ବଡ଼ ଦେଉଲୁ" ।

ରଜନୀ ବାବୁଙ୍କ କଥାରେ ମୁଁ ଖୁସିରେ ଆତ୍ମହରା ହେବା ସଙ୍ଗେ ସଙ୍ଗେ ଆତଙ୍କିତ ହୋଇ ପଡ଼ିଲି । କାରଣ ଗୀତ ଲେଖିବା ସହଜ ହେଲେ ସିନେମା ପାଇଁ ସଂଳାପ ରଚନା ମତେ କେମିତି ଅଖାଡୁଆ ଅଖାଡୁଆ ଲାଗିଲା ।

ଦେଖିଥିବା କିଛି ଓଡ଼ିଆ ଚଳଚ୍ଚିତ୍ରକୁ ମନେ ପକାଇବାକୁ ଚେଷ୍ଟା କଲି । ପିଲାଦିନେ ଶଗଡ଼ରେ ବସି ଭୁବନେଶ୍ୱର 'ରୂପମନ୍ଦିର' ସିନେମାହଲ୍‌ରେ ହିନ୍ଦି ଛବି 'ମିଲନ' ଦେଖିବାକୁ ଯାଇଥିଲି । ବୟସ ଛଅ କି ସାତ ହେବ । ତେବେ 'ରୂପ ମନ୍ଦିର' ସିନେମା ହଲ୍‌ର ଶେଷ ସିନେମା ଥିଲା 'ମିଲନ୍' । ତା' ପରେ ତାକୁ କୋର୍ଟ ଅର୍ଡରରେ ଭାଙ୍ଗି ଦିଆଗଲା । 'ମିଲନ୍' କଥା କିଛି ବି' ମନେ ପଡୁନଥିଲା ତା'ର ସୁପର୍‌ହିଟ୍ ଗୀତର ଧୂନ୍‌କୁ ଛାଡ଼ି । (କ୍ରମଶଃ)

କବିତା.... ଆମ ସମୟର

॥ ଏକାନ୍ତବାସ ॥

● ପ୍ରୀତିଲେଖା ଦାସ

ଏକାନ୍ତ ବାସ !
କୋଉଁ ନୂଆ କଥା ଯେ
ମୋ ପାଇଁ ।

ଆଖି ବୁଲେଇ
ଦେଖିବାକୁ ଚାହିଁବି ଆଜି
ପୁଣି ଥରେ
ମୋ ପୃଥିବୀକୁ ।

ଅନ୍ୟମନସ୍କତା ଭିତରୁ
ମନସ୍କ ହେବାକୁ
ଦର୍ପଣ ସାମ୍ନାରେ ଛିଡ଼ାହୋଇ
ସଜାଡି ନେବି
ମୁହଁ ଉପରକୁ ଖସିଆସିଥିବା
ଚୁଟି କେରାକ,
ପିନ୍ଧିଥିବା ଶାଢ଼ୀ,ଟିକିଲି ।

ପରଖିବି
ମୋ'ହସ,ଲୁହ,ଝାଳ,ଜଞ୍ଜାଳମାନେ
ସେମିତି ଅଛନ୍ତି କି ନାହିଁ
ମୁଁ ସଜେଇ ଥିବା ଥାକ ମାନଙ୍କରେ ।

ସବୁ ବାସ୍ତବତା ସହ
ମୁକାବିଲା କରିବାର ଦଲିଲ୍ ରୁ
ଖୋଜିବି ପୁଣିଥରେ
ଅସ୍ପଷ୍ଟ ହୋଇ ଆସୁଥିବା
ମୋ' ଟିପଚିହ୍ନ ।

ଅଣ୍ଡାଳିବି
ଅକ୍ଷତ ଅଛି କି ନାହିଁ
ମାଟି ତଳେ ପୋତି ହୋଇ ପଡିଥିବା
ମଞ୍ଜି ଭିତରେ
ସାଇତି ଥିବା ମୁଁ
ମୋ'ର ସମସ୍ତ କୋମଳ ବିଦ୍ରୋହ ।

+ ମାର୍ଫତ/ ହିମାଂଶୁ ଶେଖର ଦାସ ।
ଭୋଇସାହି
ବାଲେଶ୍ୱର
(ମୋ)୯୭୫୩୩୪୪୬୮୮

॥ ପଦ୍ମଫୁଲ୍ ଓ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ମଇ, ୨୦୨୧

ଅଭିମାନର ଅନ୍ୟନାମ ଅଭୟ ସିଂ

ମାୟାଧର ନାୟକ



(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଥରେ ସମାଜସେବୀ ଜଗଦୀଶ ପ୍ରଧାନ ଆମ ଦୁଇଜଣଙ୍କୁ ତାଙ୍କ ପାର୍ଟି ସଂଗଠନ ବଲାଙ୍ଗୀରର ନୂଆପଡ଼ା ଜିଲ୍ଲାକୁ ନିମନ୍ତ୍ରଣ କଲେ। ମେ ମାସର ମୁଣ୍ଡଫଟା ଖରା। ଏହି ସମୟରେ ଅଭୟବାବୁ ମୁଁ ଭୁବନେଶ୍ୱରରୁ ଟ୍ରେନରେ ଟିଟିଲାଗଡ଼ ଯାଇ ରେଳଷ୍ଟେସନରେ ଦିନ ୧୨ଟାବେଳେ ପହଞ୍ଚିଲୁ। ଖଇଫୁଟା ଖରା। ସେଠାରୁ ବାହାରି ଶକୁନି ପଦର ଆଦିବାସୀ ସଭାରେ ଯୋଗଦେଲୁ। ସେଇ ରାତିରେ ବି ନୂଆପଡ଼ା ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ବାହାରିଗଲୁ। ଦୁଇଦିନ ରହଣି ଭିତରେ ଅଭୟ ସିଂଙ୍କ ସହିତ ବନ୍ଧୁତା ଆହୁରି ନିବିଡ଼ ହେଲା।

ସାଂଘାତିକ ସାଂସ୍କୃତିକ ଷଡ଼ଯନ୍ତ୍ରର ଶିକାର ହେଲେ ଯୋଦ୍ଧୃପୁରୁଷ ଅଭୟ ସିଂ। ସେ ସାଲିସ୍ କରିଥିଲେ ସ୍ୱଚ୍ଛଳତାର ଅଭାବ ହୋଇନଥାନ୍ତା - ଆରାମରେ ଥାଆନ୍ତେ। ଯେମିତି ଆମର ଅପ୍ରମିତ ଦୁଃଖର ଦୁର୍ଗ ଭିତରେ ଆଜୀବନ କଇଦିର ମିଆଦ କଟାଉଥିବା କୋଟି କୋଟି ପ୍ରାଣୀ ପାପର ପାଉଁଶ ଭିତରେ ସୁଖର ଶଙ୍ଖଶାମୁକା ସାଉଁଟିବାକୁ ସ୍ୱପ୍ନ ଦେଖୁଛନ୍ତି।

ଯେଉଁଠି ଜାତିର ଶିଳ୍ପୀ, ଜାତୀୟ କବି, ଜାତୀୟ ଜୀବନଯୋଦ୍ଧାମାନେ ଆତ୍ମନିର୍ବାସିତ ନିରବତାରେ ଦିନାତିପାତ କରୁଛନ୍ତି - ସେଠି ଆମେ ବିଧାନସଭାର ଦ୍ୱିପ୍ରହରକୁ କୋଳାହଳମୁଖର ମୁଠା ମୁଠା ଦୁର୍ଦ୍ଦାନ୍ତତାରେ ପରିଣତ କରି ଲାଭ କ'ଣ ଆମ ସଂସ୍କୃତିରହିତ ଦୃଷ୍ଟିକୋଣରୁ ?

ସେ ଆମର ସେଇ ଅନେକ ବର୍ଷ ତଳର ଆତ୍ମସମର୍ପଣହୀନ ଅଭୟ ସିଂ। ମୁଁ ଯେମିତି ତା' ଆଗରେ ସେଇ ପୁରୁଣାଦିନର ଦର୍ପଣ। ଯିଏ ସେ ହିମତବାଲା ହସର ପ୍ରତିବିମ୍ବକୁ ଆପଣମାନଙ୍କୁ ଉପହାର ଦେବାପାଇଁ ପାଛୋଟି ଆଣିଛି।

ଦିନେ ଓଡ଼ିଶାର ବୌଦ୍ଧିକ ଜଡ଼ତାକୁ ଭାଂଗିବାପାଇଁ ଯିଏ ନିଜର ଆତ୍ମାର ସ୍ୱପ୍ନମାନଙ୍କୁ ଆମ ଅପନ୍ତରାରେ ଚଲେଇବାର ଶପଥ ପାଠ କରିଥିଲା - ଆଜି ସେ ଆମ ଗହଣରୁ କୁଆଡେ ଉଭେଇ ଗଲେ ।

ଜୀବନର ଜନପଥରେ ମୁଁ ବହୁ ଦୁଃଖୀମଣିଷର ଆଖିକୁ ଚାହିଁଛି - ପଟୁଆରର ମଣିଷ ଯେତେବେଳେ ତା'ର ଭଂଗା ଭାତହାଣ୍ଡିପାଇଁ ଜୀବନର ଯୁଦ୍ଧଘୋଷଣା ଶୁଣାଇବାକୁ ରାଜରାସ୍ତାକୁ ଓହ୍ଲାଇ ଆସିଛି - ଆଜି ସେ ଲେଲିହାନ ଶିଖାର ସ୍ପର୍ଦ୍ଧାକୁ ଅନୁଭବ କରିଛି - ଏକ ପ୍ରକାର ଅଶ୍ରୁସିକ୍ତ ଅଂଗୀକାରରେ। ଏହି ଅଂଗୀକାରର ଏକଦା ଅନ୍ତରଂଗ ଅଂଶୀଦାର ମଧ୍ୟ - ଅଳ୍ପକାଳ ପାଇଁ ହେଉ ପଛେ - ମୋ ପାଇଁ ଥିଲା ଅଭୟ।

ଆମ ଦୁହିଁଙ୍କର ରାସ୍ତା ଅଲଗା। ସେଦିନ କିନ୍ତୁ ସ୍ୱପ୍ନର ରଂଗ ଥିଲା ଲାଲ୍।

ପ୍ରତିକୂଳ ପରିବେଶ ସହ ପୂର୍ବନିର୍ଦ୍ଧାରିତ ସାଂସ୍କୃତିକ ଷଡ଼ଯନ୍ତ୍ର ଗୋଟେ ପ୍ରତିଭାକୁ କେତେ ପରିଶ୍ରାନ୍ତ କରିଦିଏ - ତା'ର ଗୋଟେ ଲେଲିହାନ ନଜିର ଅଭୟ ସିଂ। କାରଣ ତା'ର କଲମକୁ ସେ କେବେ ଆତ୍ମସମର୍ପଣ ଭଂଗିରେ ଟେକି ଦିଆଯାଉଥିବା ଅସ୍ତ୍ରରେ ପରିଣତ କରିନି।

ଆଜି କୋଇଲାଗଦା ଭିତରୁ କୋହିନୂରର ସନ୍ଧାନ ପାଇଲି। ଏ ଗୋପବନ୍ଧୁଙ୍କ ରାଜ୍ୟରେ ଜଣେ ଅସଲି ମଣିଷର ଗୁପ୍ତଠିକଣା ଏମିତି ପଡ଼ିରହିଛି କେଉଁ ଜରାଶ୍ରମରେ। ଓଡ଼ିଶା କଣ କୌଣସି ପ୍ରକୃତ ପ୍ରତିଭାକୁ କସ୍ମିନ୍‌କାଳେ ବୁଝିବ ନାହିଁ?ଏ ଓଡ଼ିଆଜାତିଟା କଣ ଦିନେ ଭାସିଯିବ ବଂଗୋପସାଗରରେ ?

ଅଭୟ ସିଂ ଏକଦା ସଚିତ୍ର ବିଜୟାର ଏଡିଟର ଥିଲେ - ତାଙ୍କ ଲେଖାରେ ଓଡ଼ିଶାର କୋଣେ ଅନୁକୋଣେ ପାଠକପାଠିକା ଅନୁପ୍ରାଣିତ ହୋଇଛନ୍ତି। ତାଙ୍କର କେତେ ସାଙ୍ଗ ବଡ଼ବଡ଼ ଅଫିସର୍ ଥାଇ ଅବସର ନେଲେଣି। ବହୁ ନେତା, ସମ୍ବାଦପତ୍ର ମାଲିକମାନେ ଦିନେ ଅଭୟ ସିଂଙ୍କ ସହିତ ଘନିଷ୍ଠ ଥିଲେ। ବହୁ ଏନ୍.ଜି.ଓ.ଙ୍କୁ ସେ ସମୟ ଦେଇ ସାହାଯ୍ୟ ସହଯୋଗ କରିଆସିଛନ୍ତି।

ଅଭୟ ସିଂ ତ ନମୁନା। ଏମିତି ଅନେକ ଅଭୟ ଅଛନ୍ତି ଏଇ ଓଡ଼ିଶା ଭୂଇଁରେ, ଯାହାଙ୍କ ପାଇଁ ନା ଧନୀ, ନା ଶିଳ୍ପପତି ନା ସମ୍ବାଦପତ୍ର ନା ସରକାର କେବେ କିଛି କରିବେ। ଯାହା କରିବେ, କେବଳ କରିବେ ସାଧାରଣ ଓଡ଼ିଆ, ଦରିଦ୍ର ଓ ନିମ୍ନମଧ୍ୟବିତ୍ତ ଶ୍ରେଣୀ।

ମୁଁ କୌଣସି ନେତା, ସାହିତ୍ୟିକ କି ବୁଦ୍ଧିଜୀବୀ ବର୍ଗର ବ୍ୟକ୍ତିଙ୍କୁ ମଧ୍ୟ ଓଡ଼ିଶାର ଏ ଅନ୍ଧାରୀ ଦିଗକୁ ଆସି ବିଜେ ହେବାକୁ ଅନୁରୋଧ କରୁନାହିଁ। କାରଣ ସେମାନଙ୍କ ଆଖି ଆଗରେ ସବୁ ପ୍ରକାର ଅନ୍ୟାୟ ଅନାଚାର ଅବିଚାର ପ୍ରତିନିୟତ ଘଟିଯାଉଛି - ସେମାନେ ମଂଚ, ମଣ୍ଡପ, ମାନପତ୍ର, ପୁରସ୍କାର, ପ୍ରଚାରଯନ୍ତ୍ରକୁ ଯେତେବେଳେ ଜବରଦଖଲ କରିଚାଲୁଛନ୍ତି, ଅଥଚ ପ୍ରକୃତ ପ୍ରତିଭାର ବିଚାର ଏକ ପ୍ରବଞ୍ଚନାତ୍ମକ ପ୍ରହସନରେ ବାରମ୍ବାର ପରିଣତ ହେଉଛି, ଏ ସମସ୍ତେ ସେତେବେଳେ ସମାଜର ସୁନାପୁଅ ଅଭିନୟ କରି ଚୁପ୍। (କ୍ରମଶଃ)



+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଧାରାବାହିକ ଉପନ୍ୟାସ

ଭାଗ-୨୮

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ବିଶ୍ୱାସ ଏବଂ ଅବିଶ୍ୱାସ ଭିତରେ ଆନ୍ଦୋଳିତ ହେଉଥିଲେ ମା' କଳ୍ପଲତା । ଭାବିଲେ, ଏପରି ଯଦି କଥା, ତାହେଲେ ଗର୍ଭସଂଚାର ପରଠାରୁ ବାରମ୍ବାର ପରୀକ୍ଷା ନିରୀକ୍ଷା, ବାରମ୍ବାର ସ୍କାନିଂ ହେବା ସତ୍ତ୍ୱେ ଅସଲ ସମସ୍ୟାଟି ଧରା ନ ପଡ଼ିଲା କିପରି ? ଡାକ୍ତରମାନେ ସଠିକ୍ ଅନୁଧ୍ୟାନ ନ କରି ପାରିଲେ ନାହିଁ, ଉଚ୍ଚ କ୍ଷମତାସମ୍ପନ୍ନ ମେସିନ୍‌ଗୁଡ଼ିକର ଅନୁଧ୍ୟାନ ଭୁଲ ହେବା କଥା ନୁହେଁ । ତେବେ କ'ଣ ପାଇଁ ଏମିତି ସବୁ ହେଲା ? ନାତି ଜନ୍ମ ହୋଇଛି ବୋଲି ବାପଘରଠାରୁ ଶାଶୁଘର ପର୍ଯ୍ୟନ୍ତ, ବଂଧୁବାନ୍ଧବଙ୍କଠାରୁ ସାଇପଡ଼ିଶାଙ୍କ ପର୍ଯ୍ୟନ୍ତ କେତେ ନା କେତେ ଖୁସି ହୋଇଥାନ୍ତେ, ଚାରିଆଡ଼େ ଖୁସି ଆଉ ଖୁସିର ମଳୟ ବହୁଥାନ୍ତା ! ଅଥଚ ସବୁ କେମିତି ବ୍ୟତିକ୍ରମ ହୋଇଗଲା ! ନିଜ ଅଭିଜ୍ଞତାକୁ ସମ୍ବଳ କରି ସେ ଗୋଟିଏ କଥା କହିଲେ, ଯାହା ଦୀନନାଥଙ୍କୁ ଆଶ୍ଚର୍ଯ୍ୟ କରିଦେଲା ।

"ପିଲାର ଶ୍ୱାସନଳୀ ଏବଂ ଗଳା କୌଣସି କାରଣରୁ ଅବରୋଧ ଥିଲେ ସେ କାନ୍ଦି ପାରେ ନାହିଁ । ଏଇଟା ଏକ ମାମୁଲି କଥା । ନର୍ସିଂହୋମ୍ ଯିବାର ତିନିଦିନ ଆଗରୁ ଶୁଭଦାକୁ ଭୀଷଣ ଥଣ୍ଡା ହୋଇଥିଲା । କାଶ ବି ହେଉଥିଲା ପ୍ରଚୁର । ଏହି ସମୟରେ ତୁ ଆଉ ଭବେଶ ଏଥିପାଇଁ ତାକୁ କୌଣସି ଔଷଧ ଖାଇବାକୁ ଫୋନ୍‌ରେ ମନା କଲ । ତୋ ବାପା ବି ତାକୁ ହୋମିଓପ୍ୟାଥିକ୍ ଦେବାକୁ ଚାହୁଁଥିଲେ । ମୁଁ ତାଙ୍କୁ ବାରଣ କଲି । ଏଇଟା ସତ ଯେ, ମା'କୁ ଯାହା ହୁଏ, ଗର୍ଭସ୍ଥ ଶିଶୁ ମଧ୍ୟ ସେଥିରେ ଆକ୍ରାନ୍ତ ହୋଇଥାଏ । ତେଣୁ ଲାଳ, କଫ ପରି କୌଣସି ବାହ୍ୟ ଆବର୍ଜନା ତା' ନାକ ଓ ଗଳାକୁ ଅବରୋଧ କରିଦେଇ ପାରିଥାଏ ! ଫଳରେ ତାକୁ ନିଶ୍ୱାସ ପ୍ରଶ୍ୱାସ ଓ କାନ୍ଦିବାକୁ କଷ୍ଟ ହେଉଥିଲା । ଏ ସବୁ କଥାକୁ ଅନୁଧ୍ୟାନ ନ କରି ସେମାନେ ସିଧା ତାକୁ କଟକ ପଠେଇ ଦେଲେ ! ଛୁଞ୍ଚିମୁନରେ ଯେଉଁ ସମସ୍ୟା ମେଣ୍ଟିଥାନ୍ତା, ସେଠି ଶାବଳର ଆବଶ୍ୟକତା ପଡ଼ିଲା ?"

ଖୁବ୍ ଉଷ୍ମକଣ୍ଠରେ ଏତକ କହି କଳ୍ପଲତା ଲଥ୍‌କରି ଚେୟାର୍‌ଟିରେ ବସି ପଡ଼ିଲେ । ମା'ଙ୍କ କଥାରେ ସାମାନ୍ୟତମ ଆଲୋଡ଼ନ ବି ନଥିଲା ଶୁଭକାନ୍ତ ଭିତରେ । ମା' ଜ୍ଞାନୀ ନ ହେଲେ ବି ଜୀବନାନୁଭୂତିରେ ବେଶ୍ ଅଭିଜ୍ଞ । ମା'ଙ୍କର ଅକାଟ୍ୟ ଯୁକ୍ତି ପାଖରେ ଶୁଭକାନ୍ତର ସମସ୍ତ ଡାକ୍ତରୀ ବିଦ୍ୟା ଯେମିତି ଭୂଲୁଣ୍ଠିତ ହୋଇଯିବ ! ମା'ଙ୍କୁ କ'ଣ କହିବା ନ କହିବା ଭିତରେ ସେ ଦେଖୁଥିଲେ ବାପାଙ୍କ ପରି ଏକ ପାରଂପାରିକ ବିଶ୍ୱାସ ମା'ଙ୍କ ଭିତରେ ବସା ବାନ୍ଧି ରହିଛି, ଯାହାକୁ ହଟେଇଦେବା ଏତେ ସହଜ ନୁହେଁ । ଏହି ସମୟରେ ହଠାତ୍ ଆଉ ଏକ ବିସ୍ଫୋରଣ ଘଟିଲା ମା'ଙ୍କ ମୁହଁରେ ।

"କପାଳ ତ ମୋର ବାମ । ମୁଁ କାହାକୁ କ'ଣ କହିବି ବା ଦୋଷ ଦେବି ? ସାରାଦିନ ତ ଘରକାମ ଭିତରେ ଧନ୍ଦି ହୋଇ ହୋଇ ଏ ସବୁ କଥାକୁ ମୁଁ ସେତେବେଳେ ହେଜ କରିପାରିଲି ନାହିଁ । ମନ୍ଦିରରୁ କାମ ସାରି ମୁଁ ଯାଇ ନର୍ସିଂହୋମ୍‌ରେ ପହଞ୍ଚିଲା ବେଳକୁ ଡେଲିଭରୀ ହୋଇ ସାରିଲାଣି । ଦେଖିଲି ସେଠି ସମସ୍ତେ ବ୍ୟସ୍ତ ହେଉଛନ୍ତି ପିଲାକୁ ଡାକ୍ତରଖାନା ନେବାପାଇଁ । ଅନ୍ୟ କିଛି ଗୁରୁତର ସମସ୍ୟା ହୋଇଛି ବୋଲି ଆଶଂକା କରି, ସେଠି କିଛି କହିବାକୁ ମୁଁ ଭରସି ପାରି ନଥିଲି ।"

ପୁନରାୟ ଘର ଭିତରେ ପରିସ୍ଥିତି ବିଷାଦମୟ ହୋଇଉଠିଲା । ଦୀନନାଥ ହାତ ମୁହଁ ଧୋଇସାରି ସ୍ଥାଣୁବତ୍ ବସି ରହିଥିଲେ । କଳ୍ପଲତାଙ୍କ ଅଇଁଠା ହାତ ଶୁଖି ଆସୁଥିଲା। ତଥାପି ସେ କହିବା ବନ୍ଦ କରି ନଥିଲେ ।

"ହଁ, ତୋ ବାପା ତ କହୁଥିଲେ, କଟକ ଯିବାବେଳେ ଭଦ୍ରକଠାରୁ କଟକ ଯାଏଁ ଦୀର୍ଘ ଅଢ଼େଇ ଘଣ୍ଟା କାଳ କୁଆଁ କୁଆଁ ହୋଇ ଭୀଷଣ କାନ୍ଦିଛି ପୁଅ । ମୋତେ ଏ ସବୁ କଥା ମୂଳରୁ କେମିତି ଅଦ୍ଭୁଆ ଅଦ୍ଭୁଆ ଲାଗୁଛି । ଆଉ ତୋ ବାପା ! ସେ ତ ଗୋଟେ 'ଦାରୁଭୂତ ମୁରାରୀ' । କାହାକୁ କିଛି କହିବେ ନାହିଁ କି ବିଚାର ବୁଦ୍ଧି ପ୍ରୟୋଗ କରିବେ ନାହିଁ । ସରଳ ବିଶ୍ୱାସରେ ଯିଏ ଯାହା କହିଲା, ତା' କଥାରେ ଭାସିଗଲେ । ତାଙ୍କୁ ନେଇ ମୁଁ ଯା' ସଂସାର କରିଛି, ତାହା ହିଁ ବିଡ଼ମ୍ବନା ।"

କଳ୍ପଲତାଙ୍କ ଆକ୍ଷେପରେ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ ଦୀନନାଥ । ସେହିପରି ସ୍ଥାଣୁବତ୍ ବସି ରହିଥିଲେ । ନାତିର ଦୀର୍ଘ ସମୟ କରୁଣ ରୋଦନରେ ରାସ୍ତାରେ ସେମିତି କିଛି ଅନୁଭବ କରୁଥିଲେ ସେ । ନାତିକୁ ଫେରାଇ ଆଣି ଶୁଭଦା ପାଖରେ ଛାଡ଼ି ଦେବାକୁ ତାଙ୍କ ମନ ଡାକୁଥିଲା । ହେଲେ ସେ ପ୍ରକାର କାର୍ଯ୍ୟ ନ କରିବାକୁ ସେ ବିବଶ ଥିଲେ । ପରିସ୍ଥିତି ତାଙ୍କୁ ଆଗକୁ ଆଗକୁ ଆକର୍ଷିତ କରି ନେଇ ଯାଉଥିଲା । ପ୍ରବଳ ବତାସରେ ସାମାନ୍ୟ ମେଂଚାଏ ଶିମୁଳି ତୁଳା ଭଳି ସେ ଉଡ଼ି ବୁଲୁଥିଲେ । ଏତେବେଳେ ଶୁଭକାନ୍ତ ପାଟି ଖୋଲିଲା । କହିଲା -

"ମା' ତୁମେ ଯାହା କହୁଛ, ତାହା ସତ୍ୟ ହୋଇପାରେ । କିନ୍ତୁ ମେଡ଼ିକାଲ୍ ସାଇନ୍‌ସ ତାହା କହୁ ନାହିଁ । ପିଲା ତୁରନ୍ତ ନ କାନ୍ଦିବା ନିଶ୍ଚିତ ଏକ ବ୍ୟତିକ୍ରମ । ଏହି ନ କାନ୍ଦିବା ଭିନ୍ନ ଭିନ୍ନ କାରଣରୁ ହୋଇପାରେ ! ତେଣୁ ଏହାର ସଠିକ ଅନୁସନ୍ଧାନ ଏଠାରେ ହୋଇପାରିବ ନାହିଁ ବୋଲି ଏମାନେ ଯାହା ତାକୁ କଟକ ସିଫ୍‌ଟ କଲେ, ତାହା ଉଚିତ ପଦକ୍ଷେପ ଥିଲା । ଜନ୍ମ ସମୟରେ ପିଲା ନ କାନ୍ଦିବା ଅର୍ଥ ଭବିଷ୍ୟତରେ ଏକ ଗୁରୁତର ସମସ୍ୟା ସୃଷ୍ଟି ହେବ । ଏଇ ଧରଣର ପିଲାମାନେ ଭବିଷ୍ୟତରେ ଅର୍ଟିଷ୍ଟିକ୍ ହୋଇଯିବାର ଶତପ୍ରତିଶତ ସଂଭାବନା ଥାଏ । ଏବେ ଆମ ସମାଜରେ ଏଇ ଧରଣର ପିଲା ଅନେକ ଜନ୍ମ ହେଉଛନ୍ତି । ଏହାର ସଠିକ୍ କାରଣ ସଂପର୍କରେ ଗବେଷଣା ଚାଲିଛି । ପ୍ରାଥମିକ ଗବେଷଣାରୁ ଯାହା ଜଣାପଡୁଛି, ଅସନ୍ତୁଳିତ ଖାଦ୍ୟ, ପରିବେଶ, ଅପମିଶ୍ରଣ, କ୍ୟାଲସିୟମ୍‌ର ଅଭାବ, ପରିଶ୍ରମହୀନତା, କର୍ମବିମୁଖତା, ମେଦବହୁଳତା, ମାନସିକ ଉତ୍ତେଜନା, ଅଜ୍ଞାନତା ଇତ୍ୟାଦି ଏଥିପାଇଁ କାରଣ ରୂପେ ଛିଡ଼ା ହୋଇଛି । ଆମପାଇଁ ତାତ୍କାଳୀକ ପରିସ୍ଥିତିରେ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ସଂପୂର୍ଣ୍ଣ ଠିକ୍ । ଶୁଭଦା ଆଉ ଭବେଶର ଭବିଷ୍ୟତ ସଂପତ୍ତି ହେଉଛି ଏଇ ପୁଅ । ତା'ର ଯଦି ଏପରି କିଛି ଅସୁବିଧା ହୋଇଯାଏ, ତା'ହେଲେ ଆମ ସମସ୍ତଙ୍କୁ ଉଣା ଅଧିକେ କଷ୍ଟ ଭୋଗିବାକୁ ପଡ଼ିବ । ତୁମେ ଯାହା ଅନୁମାନ କରି କହୁଛ, ତାହା ଆଦୌ ବିଜ୍ଞାନସମ୍ମତ ନୁହେଁ । - ନାତିଦୀର୍ଘ ଭାଷଣଟିଏ ଦେଇ ମା'ଙ୍କୁ ବୁଝେଇବାକୁ ଚେଷ୍ଟା କରୁଥିଲେ ଶୁଭକାନ୍ତ ।

ନିଜ ଅଧ୍ୟୟନ ଭିତରୁ ଅର୍ଟିଷ୍ଟିକ୍‌ସଂପର୍କିତ କିଛି ଜ୍ଞାନର ଅଧିକାରୀ ଥିଲେ ଦୀନନାଥ । ହେଲେ ଏହାର ପ୍ରଥମ ଲକ୍ଷଣ ଯେ ଜନ୍ମବେଳେ ନ କାନ୍ଦିବା, ଏହା ତାଙ୍କୁ ଜଣା ନଥିଲା । ଅର୍ଥାତ୍ ପ୍ରତିଟି ଅର୍ଟିଷ୍ଟିକ୍ ପିଲା ଜନ୍ମବେଳେ ହିଁ କାନ୍ଦି ନଥାନ୍ତି ।

କିନ୍ତୁ ଅର୍ଟିଷ୍ଟିକ୍ ଶବ୍ଦକୁ ଠିକ୍ ଭାବରେ ବୁଝିପାରିଲେ ନାହିଁ କଳ୍ପଲତା । ପଚାରିଲେ - "ପିଲା ନ କାନ୍ଦିଲେ କ'ଣ ହୋଇଯାନ୍ତି ବୋଲି କହିଲୁ ?"

"ଅର୍ଟିଷ୍ଟିକ୍, ମାନେ ମାନସିକ ଅନଗ୍ରସରତା । ଆମ ଘର ପାଖରେ ସେ ସାହୁ ଅଙ୍କଲ୍‌ଙ୍କ ପୁଅକୁ ଦେଖିଥିବୁ ? ସେହିଭଳି ହୁଣ୍ଡା ହୋଇଯାନ୍ତି ପିଲା । ସେମାନଙ୍କର ଶାରିରୀକ ବିକାଶ ଘଟିଲେ ବି ମାନସିକ ବିକାଶ ଘଟେ ନାହିଁ । ବ୍ରେନ୍‌ର ସ୍ନାୟୁସବୁ ଦୁର୍ବଳ ହୋଇଯାଏ । ଏପରିକି କେତେକ ପିଲାଙ୍କ କ୍ଷେତ୍ରରେ ଉଭୟ ଶାରିରୀକ ଓ ମାନସିକ ବିକାଶ ଘଟେ ନାହିଁ ।"

ପୁଅ କଥାରେ ଏକ ପ୍ରକାର ଥଣ୍ଡା ବନିଯାଇଥିଲେ କଳ୍ପଲତା । କହିଲେ -

"ମୁଁ କ'ଣ ଏତେ ସବୁ କଥା ବୁଝିଛି ? ଭଗବାନଙ୍କ ସୃଷ୍ଟିରେ କେତେ କେତେ ଘଟଣାମାନ ଘଟୁଛି । ତାକୁ ଆମେ କଳନା କରନ୍ତେ ବା କିପରି ?"

ମା' ପୁଅଙ୍କର କଥାବାର୍ତ୍ତା ନୀରବ ହୋଇ ଶୁଣୁଥିଲେ ଦୀନନାଥ । ପୁଅ କଥାରୁ ସେ ସାମାନ୍ୟ ଶଙ୍କିତ ହୋଇପଡ଼ିଲେ । ଭଗବାନଙ୍କ କୃପାରୁ ଯାହା ହୋଇଛି ବରଂ ଉଚିତ ହୋଇଛି । ତା'ର କଟକ ଯିବା ଏକାନ୍ତ ଯଥାର୍ଥ । ନାତି ଯଦି ଶାରିରୀକ କିମ୍ବା ମାନସିକ ଅନଗ୍ରସର ହୋଇଯାଏ, ଭବିଷ୍ୟତରେ ସମସ୍ତଙ୍କୁ ଦହଗଂଜ ହେବାକୁ ପଡ଼ିଥାନ୍ତା !

ଆଉ ଅଧିକ କିଛି ଆଲୋଚନା ନ କରି ସେ ଉଠିଗଲେ ନିଜ କୋଠରୀକୁ ଶୋଇବାପାଇଁ । ହେଲେ ତାଙ୍କ ଆଖିକୁ ନିଦ ଆସିବାର ନାଁ ଧରୁ ନଥିଲା । କେଉଁଠି ଗୁପ୍ତରେ ଲୁଚି ଯାଇଥିଲା ଯେ, ଦୀନନାଥ ତାକୁ ଖୋଜି ଖୋଜି ପାଉ ନ ଥିଲେ ।

।। ୧୫ ।।

ପରିସ୍ଥିତି ତା' ସମ୍ମୁଖରେ ଥିବା ସମସ୍ତ ମଣିଷମାନଙ୍କୁ କବଳିତ ବା ଆୟତ୍ତାଧୀନ କରିନିଏ । ପ୍ରତିକୂଳ ପରିସ୍ଥିତିରେ ଗତି କରିବା ସଂପୂର୍ଣ୍ଣ ଅସଂଭବ, ଏ କଥା ଜାଣି ବି ମଣିଷ ଉଦ୍ୟମରତ ଥାଏ । ଦୁଇଦିନର ଘଟଣାକ୍ରମରୁ ଦୀନନାଥଙ୍କର ଅନ୍ତତଃ ଏଇଆ ହିଁ ଉପଲବ୍ଧି ହୋଇଥିଲା ଯେ, ସେ ପରିସ୍ଥିତିର ଦାସ । ତେଣୁ ଅଦୃଷ୍ଟ ତାଙ୍କ ପାଇଁ ଯାହା ସଂପାଦିଛି, ତାକୁ ହିଁ ସେ ଭୋଗ କରିବେ ।

ଶୁଭଦାର ବାହାଘର ଦୁଇବର୍ଷ ପରେ ଯେଉଁଦିନ କଳ୍ପଲତାଙ୍କ ଠାରୁ ଶୁଣିଲେ ଯେ, ସେ ଅଜା ହେବାକୁ ଯାଉଛନ୍ତି, ସେଦିନ ସେ ସ୍ୱାଭାବିକ ଖୁସି ହୋଇଥିଲେ । ଏଇଥିପାଇଁ ଯେ, ସାଂସାରିକ କର୍ମବଂଧନରେ ଆଉ ଏକ ପାହାଚ ଆରୋହଣ କରିବେ, ସୁତରାଂ ସେ ଅଜା ହେବେ ! କିନ୍ତୁ କଳ୍ପଲତା ଏମିତି କିଛି ଅନୁଭବ କରୁ ନଥିଲେ । ଏହାକୁ ଏକ ସାଂସାରିକ ଉତ୍‌କ୍ରମଣ ବୋଲି ଗ୍ରହଣ କରି ନେଇଥିଲେ ।

କିନ୍ତୁ ଦୀନନାଥଙ୍କ ମାନସିକତାରେ ଏହାର ଏକ ଭିନ୍ନ ଗୁରୁତ୍ୱ ଥିଲା । କାରଣ ସେ ଯେଉଁ ପରିବାରକୁ ଶୁଭଦାକୁ ବୋହୂ କରି ପଠେଇଥିଲେ, ସେ ପରିବାରରେ ନିର୍ମଳ ଶାନ୍ତି ଓ ପବିତ୍ରତା ନିଶ୍ଚିତ ଭାବେ ଶୁଭଦା ଗର୍ଭରେ ପ୍ରତିଫଳିତ ହୋଇ ଉତ୍କର୍ଷ ପାଇବ, ଏ ବିଶ୍ୱାସ ତାଙ୍କର ଥିଲା ।

ପ୍ରତିଟି ସନ୍ତାନ ଈଶ୍ୱରଙ୍କ କୃପା ଆଉ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ । ଅନ୍ତତଃ ଏ ମହତ୍ତର କଥାକୁ ଦୀନନାଥ ବୁଝିପାରିଥିଲେ । ସେଥିପାଇଁ ସେ ଶୁଭଦାକୁ ଟେଲିଫୋନ୍‌ରେ ନିର୍ଦ୍ଦିଷ୍ଟ ବାରମାନଙ୍କରେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବାକୁ କହିଥିଲେ । କିନ୍ତୁ ସେ ଯାହା ଉତ୍ତର ଦେଇଥିଲା, ତାହା ଦୀନନାଥଙ୍କର ପ୍ରଚଣ୍ଡ ସନ୍ତୁଷ୍ଟିର କାରଣ ଥିଲା । "ମା' (ଶାଶୁ) ମୋତେ ପ୍ରାୟ ନିର୍ଦ୍ଦିଷ୍ଟ ବାରମାନଙ୍କରେ ମନ୍ଦିର ନେଇକି ଯାଉଛନ୍ତି । ଦୈନିକ ଗୀତା ଏବଂ ଭାଗବତ ପଢ଼ିବାକୁ ନିର୍ଦ୍ଦେଶ କରିଛନ୍ତି ।"

ଉଦ୍ଦେଶ୍ୟ ଥିଲା, ବିନା କୌଣସି ବ୍ୟତିକ୍ରମରେ, ବିନା କୌଣସି ପ୍ରତିବନ୍ଧକରେ ଶୁଭଦା ଗର୍ଭସ୍ଥ ଶିଶୁକୁ ଭୂମିଷ୍ଠ କରେଇଚ, ଯିଏ ଭବିଷ୍ୟତରେ ଦେଶ ଓ ଦଶରେ ନାମ ଉଜ୍ଜ୍ୱଳ କରିବ ।

ଅଥଚ ସବୁ କେମିତି ମୂଳରୁ ବ୍ୟତିକ୍ରମ ହୋଇଗଲା । ଏଥିରେ ବ୍ୟଥିତ ହୋଇ ପଡ଼ିଥିଲେ ଉଭୟ ପରିବାର । ପରିସ୍ଥିତି ଏମାନଙ୍କୁ ଅଲଗା ଅଥଚ ଅଜଣା ଏକ ରାସ୍ତାରେ ଆଣି ଛିଡ଼ା କରେଇଥିଲା ।

ପୁଅ କଥାକୁ ଦୀନନାଥ ପୁଣିଥରେ ସ୍ମରଣ କଲେ । "ଜନ୍ମବେଳେ ନ କାନ୍ଦିଥିବା ପିଲା ହୁଏତ ଅର୍ଟିଷ୍ଟିକ୍ ହୋଇଯାଇପାରନ୍ତି !"(କ୍ରମଶଃ)

ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨

ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ପୃଷ୍ଠା ୪ ରବିବାର ଚିନ୍ତନ

ଚିନ୍ତା ଅନୁଚିନ୍ତା (୯)

ବନ୍ଧୁତା ହିଁ ମାନବିକ ମୂଲ୍ୟବୋଧର ଜୟଗୀତି

କବି ଓ ପ୍ରାବନ୍ଧିକ କାଳୀପଦ ପଣ୍ଡା ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।

ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ଭାରତୀୟ ପରିପ୍ରେକ୍ଷୀରେ ବନ୍ଧୁତାର ସଂଜ୍ଞା ନିରୂପଣ କରିବାକୁ ଯାଇ କୁହାଯାଇଛି -

"ଉତ୍ସବେ ବ୍ୟସନେଚୈବ
ଦୁର୍ଭିକ୍ଷେ ରାଷ୍ଟ୍ରବିପ୍ଳବେ
ରାଜଦ୍ୱାରେ ଶ୍ମଶାନେ ଚ
ଯ ତିଷ୍ଠତି ସବାନ୍ଧବ ।"

ଅର୍ଥାତ୍ ସମସ୍ତ ଉତ୍ସବ ଅନୁଷ୍ଠାନ ସହ ସୁଖ, ଦୁଃଖରେ ସର୍ବୋପରି ଶ୍ମଶାନ ପର୍ଯ୍ୟନ୍ତ ଯେଉଁ ବ୍ୟକ୍ତିଜଣକ ଯୋଡ଼ିହୋଇ ରହିଥାଏ, ତାଙ୍କୁ ହିଁ ଶ୍ରେଷ୍ଠ ବନ୍ଧୁ ଭାବରେ ବିବେଚନା କରାଯାଇଥାଏ । କୌଣସି ବି ପରିସ୍ଥିତିରେ ଯେ ବନ୍ଧୁତାକୁ ଅତୁଟ ରଖେ ସେ ହିଁ ପ୍ରକୃତ ବନ୍ଧୁ ପଦବାଚ୍ୟ । ଅଭାବ ଅନଟନଠାରୁ ଦୁର୍ଭିକ୍ଷ, ମହାମାରୀ, ରାଷ୍ଟ୍ରବିଦ୍ରୋହ ଓ ସୁଖଦ ସମୟରେ ଯେ ନିରନ୍ତର ଯୋଡ଼ିହୋଇ ରହନ୍ତି, ଯେଉଁଥିରେ କି ପଦପଦବି ବା କ୍ଷମତାର ବିଘ୍ନର ରହିନଥାଏ, କେବଳ ଶୁଦ୍ଧ ବନ୍ଧୁତା ହିଁ ପରିଲକ୍ଷିତ ହୁଏ । ବନ୍ଧୁତାର ମୂଳ ବିଷୟଟି ହେଲା ପରସ୍ପର ପ୍ରତି ସମର୍ପଣ ଭାବ ବା ଏକାତ୍ମଭାବ ସହ ବିଶ୍ୱାସର ସୂତ୍ରରେ ବାନ୍ଧି ହେବା । ଏ ସମ୍ପର୍କରେ ଭାରତର ପ୍ରାଚୀନ ଶାସ୍ତ୍ରପୁରାଣ, ବେଦଉପନିଷଦ ଏବଂ ଭାରତୀୟ ସାହିତ୍ୟରେ ଅସଂଖ୍ୟ ଉଦାହରଣ ରହିଛି । ବିଶେଷତଃ ଭାରତର ଦୁଇ ମହାକାବ୍ୟ ମହାଭାରତ ଓ ରାମାୟଣରେ ଏହାର ଜ୍ୱଳନ୍ତ ଉଦାହରଣ ପରିଦୃଷ୍ଟ ହୁଏ ।

କୃଷ୍ଣ ଆଉ ସୁଦାମାଙ୍କ ବନ୍ଧୁତାର କାହାଣୀ ଆଜି ହଜାର ହଜାର ବର୍ଷଧରି ଭାରତର ପ୍ରତିଟି ଜନଗଣଙ୍କୁ ଗଭୀର ଭାବେ ପ୍ରଭାବିତ କରିଆସିଛି । ଯେବେ ବାଲ୍ୟବନ୍ଧୁ ସୁଦାମା ଦ୍ୱାରକାପୁରକୁ ନିଜର ବନ୍ଧୁ ସେତେବେଳର ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଆସିଛନ୍ତି, ଯେତେବେଳେ ରାଜଦରବାରର ଦ୍ୱାରପାଳମାନେ ସୁଦାମାଙ୍କର ବେଶଭୂଷାରେ ସେ କିଭଳି ମହାରାଜ ଶ୍ରୀକୃଷ୍ଣଙ୍କର ବନ୍ଧୁ ହେବେ ମନେକରି ତାଙ୍କୁ ପ୍ରବେଶକୁ ଅନୁମତି ଦେଇ ନାହାନ୍ତି । ଉପାୟଶୂନ୍ୟ ହୋଇ ସୁଦାମା ଫେରିଯିବାକୁ ବାଧ ହୋଇଥିଲା ବେଳେ ତାଙ୍କର କଥୋପକଥନର ସ୍ୱର ଗୁଞ୍ଜରିତ ହୋଇଛି ପ୍ରଭୁ ଶ୍ରୀକୃଷ୍ଣଙ୍କର କର୍ଣ୍ଣଗହ୍ୱରରେ । ଆଉ ବାଲ୍ୟସଖାଙ୍କର ସେହି ଅଭୁଲା ସ୍ୱରର ଡାକରେ ସ୍ୱୟଂ ଶ୍ରୀକୃଷ୍ଣ ନିଜର ରାଜସିଂହାସନରୁ ଉଠି ଦୌଡ଼ି ଆସିଛନ୍ତି ସଖା ସୁଦାମାଙ୍କୁ ପାଛୋଟି ନେବାପାଇଁ । ନିଜର ପିନ୍ଧାବସ୍ତ୍ର କିଛିକାଂଶରେ ଖୋଲି ପଥରେ ଘୋଷାଡ଼ି ହେଉଥିଲେ ବି ସେ ପ୍ରତି ତାଙ୍କର ନଥିଲା ନଜର । ଏକମୁହାଁ ହୋଇ ଦୌଡ଼ି ଥିଲେ ରାଜଦାଣ୍ଡରେ ପ୍ରଜାଗଣ ଅଭିଭୂତ ହୋଇପଡ଼ିଥିଲେ ଏଇ ଚ୍ରିତ ଦେଖି । । ପରିଶେଷରେ ସୁଦାମାଙ୍କୁ ପାଛୋଟି ନେଇ ଯେଉଁ ଆଦର ଅଭ୍ୟର୍ଥନା ନିଜେ ଓ ନିଜ ପତ୍ନୀଙ୍କ ଦ୍ୱାରା ସମାପନ କଲେ । ସେହିଭଳି ସେଦିନ ସୁଦାମାଙ୍କ ହସ୍ତରୁ ବନ୍ଧୁ ଶ୍ରୀକୃଷ୍ଣ ଖୁଦଭଜା ଗ୍ରହଣକରି ବିହ୍ୱଳ ହୋଇଥିଲେ । ତାହା ବିଶ୍ୱଜନତାଙ୍କୁ ବନ୍ଧୁତାରେ ପଦପଦବି ଯେ କେତେ ଗୌଣ ତାହାକୁ ପ୍ରମାଣ କରିଦେଲେ ।

ଠିକ୍ ସେହିଭଳି କର୍ଣ୍ଣ ଦୁର୍ଯ୍ୟୋଧନଙ୍କ ବନ୍ଧୁତା ଅବର୍ଣ୍ଣନୀୟ । ଏମାନେ ସଖ୍ୟପଣରେ ଦାତା ଓ ଗ୍ରହୀତାର କୃତଜ୍ଞତାର ଫାଶରେ ହୋଇଥିଲେ ବନ୍ଧା । ଦୁର୍ଯ୍ୟୋଧନଙ୍କର ପରାଜୟ ନିଶ୍ଚିତ ଜାଣି ବି କର୍ଣ୍ଣ କିନ୍ତୁ ତାଙ୍କୁ ଛାଡ଼ିଯାଇ ନଥିଲେ । ସେ ଛାଡ଼ି ଯାଇଥିଲେ ଜ୍ୟେଷ୍ଠ ପାଣ୍ଡବ ଭାବେ ରାଜସିଂହାସନ ପାଇବାର ଯୋଗ୍ୟ ଥିଲେ ।

ରାମାୟଣରେ ଶ୍ରୀରାମ ଓ ସୁଗ୍ରୀବଙ୍କ ବନ୍ଧୁତା ମନୁଷ୍ୟ ଓ ମନୁଷ୍ୟେତର ପ୍ରାଣୀଙ୍କ ମଧ୍ୟରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହିଛି । ଇତିହାସରେ ମଧ୍ୟ ବନ୍ଧୁ ଓ ବନ୍ଧୁତାକୁ ନେଇ ବିଶ୍ୱାସଘାତକତାର ଉଦାହରଣ କିଛି କମ୍ ନାହିଁ । ରୋମ୍‌ର ଏକଛତ୍ରବାଦୀ ଶାସକ ଜୁଲିୟସ୍ ସିଜର ଓ ତାଙ୍କର ବନ୍ଧୁ ବ୍ରୁଟାସ୍‌ଙ୍କ କାହାଣୀ କାହାକୁ ଅଛପା ନୁହଁ ।

ସେହିଭଳି ଗ୍ରୀସ୍‌ର କ୍ରୁର ଶାସକ ଡେମୋନ୍‌ଙ୍କ ସମୟର ଘଟଣା । ପିଥିଆସ୍ ରାଜଦ୍ରୋହ ଅପରାଧରେ ବନ୍ଦୀ ଜୀବନ କାଟୁଥିବା ବେଳେ ପିଥିଆସ୍ ଶେଷ ସମୟ ବେଳକୁ ନିଜ ଘରକୁ ଯିବାର ସୁଯୋଗଲାଭ କଲାବେଳେ ତାଙ୍କ ସ୍ଥାନରେ ବନ୍ଦୀଗୃହରେ ଜଣକୁ ରଖେଇ ଯିବାର ବ୍ୟବସ୍ଥା ଥିବାରୁ ବନ୍ଧୁ ରମୋସ୍ ସେହି ଦାୟିତ୍ୱନିର୍ବାହ କରିଥିଲେ । ମାତ୍ର ନିର୍ଦ୍ଦିଷ୍ଟ ଦିନକୁ ପିଥିଆସ୍ ଫେରି ନ ପାରିବାରୁ ବନ୍ଧଭୂମିକୁ ରମୋସ୍‌ଙ୍କୁ ଯିବାକୁ ପଡ଼ିଥିଲା । ସେହି ସମୟରେ ଡେମୋନ୍ ଭର୍ତ୍ସନା କରି କହିଲେ - ବନ୍ଧୁ ପାଇଁ ପ୍ରାଣ ଦେବାକୁ ଭୟ ଲାଗୁଛି କି ? ରମୋସ୍ କହିଲେ, ବନ୍ଧୁଙ୍କ ପାଇଁ ପ୍ରାଣ ଦେବାକୁ ପରମ ସୌଭାଗ୍ୟ ମଣିବାରୁ ମୋ ଚକ୍ଷୁରୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କୃତଜ୍ଞତାର ଅଶ୍ରୁ ବହି ଆସୁଛି । ହଠାତ୍ ଏହି ସମୟରେ କାଦୁଅ ସରସର ହୋଇ ପିଥିଆସ୍ ପହଞ୍ଚି ଗଲେ ଓ ବନ୍ଧୁଙ୍କର ପ୍ରାଣରକ୍ଷା କରିପାରିଥିବାରୁ ଭଗବାନଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ବିରଳ ବନ୍ଧୁତାରେ ଡେମୋନ୍‌ଙ୍କ ହୃଦୟ ତରଳି ଗଲା ।

ଓଡ଼ିଶାର ଭକ୍ତକବି ମଧୁସୂଦନ ରାଓ ତାଙ୍କର 'ନିର୍ବାସିତ ବିଳାପ' କବିତାରେ ଲେଖିଛନ୍ତି -

"କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର /ଯାର ପ୍ରାପତି ଯୋଗୁଁ ଦେବତା ନର ।"

ଅର୍ଥାତ୍ ବନ୍ଧୁତା ବଳରେ ସୃଷ୍ଟ ପ୍ରେମ ଅପାର୍ଥିବ । ଏହା ମାନବୀୟ ମୂଲ୍ୟବୋଧର ଜୟଗୀତି ଗାଇ ଆସିଥାଏ । ଏଥିରେ ନିହିତ ଥାଏ ପରସ୍ପର ପ୍ରତି ଆସ୍ଥା ପ୍ରକଟ ଓ କୃତଜ୍ଞତା ଅର୍ପଣ । ଯାହାର ମୂଳ ଆଧାର ହେଉଛି ବିଶ୍ୱାସ । ଏହି ଆସ୍ଥା ମୂଳରେ ବି ପ୍ରାଣୀ ମନୁଷ୍ୟ ସହ ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇ ରହିଥାଏ । ବନ୍ଧୁତା ହେଉଛି ସ୍ରଷ୍ଟା ମଣିଷଙ୍କୁ ଦାନ କରିଥିବା ଏକ ବିଶେଷ ବିଭୂତି ବା ଐଶ୍ୱର୍ଯ୍ୟ । ପ୍ରବାଦ ରହିଛି - ଏହି ବନ୍ଧୁତାର ସୂତ୍ରରେ ନୀଳାଦ୍ରିବିହାରୀ ପ୍ରଭୁ ଶ୍ରୀଜଗନ୍ନାଥ ସୁବର୍ଣ୍ଣଥାଳିରେ ଅନ୍ନବ୍ୟଞ୍ଜନ ଧରି ବନ୍ଧୁ ମହାନ୍ତିଙ୍କ ନିକଟକୁ ଚାଲି ଆସିଥିଲେ ।

ସ୍ପେନ୍ ଦେଶର ଏକ କାହାଣୀ ବନ୍ଧୁତା ସମ୍ପର୍କରେ ବୁଝିବା ପାଇଁ ବେଶ୍ ଉପାଦେୟ । ଜଣେ ପୁତ୍ର ସବୁଦିନ ରାତିରେ ବିଳମ୍ବିତ ସମୟରେ ଫେରୁଥିବାରୁ ଦିନେ ପିତା ପୁତ୍ରକୁ ପ୍ରଶ୍ନକଲେ ଏହାର କାରଣ କ'ଣ ? ପୁତ୍ର ଉତ୍ତରରେ କହିଲେ, ମୁଁ ବନ୍ଧୁମେଳରେ ସମୟ କଟାଉଛି । ସେ କହିଲେ, ତୋର କେତେଜଣ ବନ୍ଧୁ ଅଛନ୍ତି ? ଉତ୍ତରରେ ପୁତ୍ର କହିଲେ, ୨୦ଜଣରୁ ଅଧିକ ମୋର ବନ୍ଧୁ । ପିତା ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ, ମୋର ଏ ୬୦ବର୍ଷର ଜୀବନରେ ମାତ୍ର ଦେଢ଼ଜଣ ବନ୍ଧୁ ଥିଲାବେଳେ ତୋର ୨୦ବର୍ଷ ବୟସରେ ୨୦ଜଣ ବନ୍ଧୁ ! ଠିକ୍‌ଅଛି, ସେ ବନ୍ଧୁମାନଙ୍କର ପରୀକ୍ଷା ନେବା । ତୁ ଏ ଦିଗରେ ମୋତେ ସହଯୋଗ କର । ତଦନୁଯାୟୀ ଏକ ମିଛ ହତ୍ୟାକାଣ୍ଡର କାହାଣୀଟିଏ ସଂରଚନା କରି ତାଙ୍କ ପୁତ୍ରଙ୍କୁ କହିଲେ, ତମର ସେ ବନ୍ଧୁମାନଙ୍କୁ ଯାଇ ଏ ଦିଗରେ ସାହାଯ୍ୟ କରିବାକୁ ଅନୁରୋଧ ଜଣାଅ । ମାତ୍ର ବନ୍ଧୁମାନେ ଯେତେବେଳେ ହତ୍ୟାକାଣ୍ଡ ସହ ଜଡ଼ିତ କଥା ଶୁଣିଲେ ସମସ୍ତେ ପଛଘୁଞ୍ଚା ଦେଲେ । କେହି ହେଲେ ଏ ଦିଗରେ ସାହାଯ୍ୟ ପାଇଁ ଆଗେଇ ଆସିବାକୁ ଚାହିଁଲେ ନାହିଁ । ତା'ପରେ ପିତାଙ୍କର ବନ୍ଧୁଜଣଙ୍କୁ ସେହି ସମାନ କଥା କହି ଆଶ୍ରୟ ଓ ସାହାଯ୍ୟ କଥା ଲୋଡ଼ିବାରୁ ସେ କହିଲେ ଯେ, ଏହାକୁ ଗୋପନ ରଖିବୁ ଓ ଯଥାସମ୍ଭବ ତୁମକୁ ସାହାଯ୍ୟ କରିବୁ । ପୁଲିସ୍ ଆଗରେ ମଧ୍ୟ ସେହି ବନ୍ଧୁ ନିଜର ପୁତ୍ର ହତ୍ୟାକାରୀ ବୋଲି କହିବାକୁ ପଛାଇଲେ ନାହିଁ । ଏଥିରେ ତରୁଣ ଆଶ୍ଚର୍ଯ୍ୟାନ୍ୱିତ ହୋଇଉଠିଲେ ଓ ବନ୍ଧୁତାର ସଂଜ୍ଞା ସେଦିନ ବୁଝିପାରି ପିତାଙ୍କ ପାଖରେ କ୍ଷମାପ୍ରାର୍ଥନା କଲେ ।

ବାସ୍ତବରେ ଆଜି ବିଶ୍ୱ ଜନସମୁଦାୟଙ୍କ ପାଖରେ ଏହି ବନ୍ଧୁତାର ମୂଲ୍ୟବୋଧ ରକ୍ଷା ଦିଗରେ ସଂକଟ ଦେଖା ଦେଇଛି । ବନ୍ଧୁତା ନାମରେ ବିଷ ଦେବା ଏକ ନିତିଦିନିଆ ଘଟଣା ହେଲାଣି । ବନ୍ଧୁତାର ପରିଭାଷା ବଦଳି ଯାଉଛି । ସମାଜର ପ୍ରତିଟି କ୍ଷେତ୍ରରେ ବନ୍ଧୁତା ନାମରେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ପ୍ରତାରଣାର ଶିକାର କରିବାକୁ ପଛାଉ ନାହାନ୍ତି । ଗୋଟିଏ ଉଚ୍ଚ ମାନବୀୟ ମୂଲ୍ୟବୋଧ ଯାହା 'ବନ୍ଧୁତା' ତାହା ଆଜି ପ୍ରାସଙ୍ଗିକତା ହରାଉଛି ।

ଭ୍ରଷ୍ଟାଚାର ମୁକ୍ତ ଭାରତ ଗଠନର ବେଳ

■ ଶରତ କୁମାର ରାଉତ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ନିଜ ଦଳର ପ୍ରାର୍ଥୀ ଜିତୁ ବୋଲି ଚାହିଁବା ସ୍ୱାଭାବିକ, ହେଲେ ଅଗଣତାନ୍ତ୍ରିକ ଭାବେ କ୍ଷମତା ଦଖଲ କରିବାକୁ କେହି ପଛାଉ ନାହାନ୍ତି । ସ୍ୱତଃସ୍ଫୂର୍ତ ଭାବେ ମତଦାତା ମାନେ ନିଜ ଭୋଟ୍ ଦେବାର ଆନନ୍ଦକୁ ରାଜନୀତିକ ଦଳ ମାନେ ସୁଯୋଗ ଦେଉ ନାହାନ୍ତି । ସେମାନେ ମତଦାତା ମାନଙ୍କ ପାଖରେ ପହଂଚି ବିଭିନ୍ନ ଉପହାର ବା ପ୍ରଲୋଭନ ଦେଖାଉଛନ୍ତି । ଆଉ ଏହି କଳାରେ ନିପୁଣ ଦଳକୁ ହିଁ ସର୍ବାଧିକ ଭୋଟ୍ ମିଳୁଛି । ଯେଉଁଥିପାଇଁ ସାଧାରଣ ଜନତା ଓ ବୁଦ୍ଧିଜୀବୀ ମାନଙ୍କର ମତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅଦୃଶ୍ୟ ହୋଇ ଚାଲିଛି । ଅନୁଶାସନର ସମସ୍ତ ମାପଦଣ୍ଡ ରାଜନୀତିଜ୍ଞ ମାନଙ୍କ ଦ୍ୱାରା ଭଙ୍ଗା ଯାଉଛି । ନିଜର ସ୍ୱାର୍ଥରକ୍ଷା ପାଇଁ ଜନମତକୁ ଦମନ ସ୍ୱରୂପ ନିୟମ କାନୁନ୍ ତିଆରି କରାଯାଉଛି । ଦେଶର କୋଣେ କୋଣେ ଚାଲିଥିବା ଦଙ୍ଗା-ସଂଘର୍ଷର ନିଆଁ ନେତା ମାନଙ୍କର ହିଁ ଦାନ । ପ୍ରଶାସନିକ ଅରାଜକତା ଆଜି ଚରମ ସୀମାରେ ପହଂଚିଛି । ପ୍ରଶାସନିକ ନିଷ୍ଠୁର କାର୍ଯ୍ୟ ପ୍ରଣାଳୀ ଭିତରେ ଜନତା ପେଷି ହୋଇ ଚାଲିଛି । ନେତା ଓ ପ୍ରଶାସନିକ ଅଧିକାରୀ ମାନେ ମିଳିମିଶି ସାଧାରଣ ପ୍ରଜାଙ୍କୁ ଶୋଷଣ କରି ଚାଲିଛନ୍ତି ଓ ନିଜର ଇଚ୍ଛାକୁ ଜବରଦସ୍ତି ସେମାନଙ୍କ ଉପରେ ଲଦୁଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣା ମାନ ସୀମା ଲଂଘନ ହେବାରେ ଲାଗିଛି । ଭାରତୀୟ ଗଣତନ୍ତ୍ର ଯେପରି ଆହତ ହୋଇ ଚିତ୍କାର କରୁଥିବା ଭଳି ମନେ ହେଉଛି । ସରଳ ଭାରତୀୟ ମାନଙ୍କର ଏକତାର ଭାବକୁ ଖିନ୍‌ଭିନ୍ କରି ବିଭିନ୍ନ ବର୍ଗରେ ବିଭକ୍ତ କରାଇ ପରସ୍ପର ଭିତରେ ଘୃଣା, ଦ୍ୱେଷ, ରକ୍ତପାତ, କଳହ ସୃଷ୍ଟି କରୁଥିବା ଏଇ ତଥାକଥିତ ନେତା ମାନଙ୍କୁ ସମୟ କ୍ଷମା ଦେବ କି ନାହିଁ, କେଜାଣି !

ଆଜି ଆମ ଦେଶର ନେତାମାନଙ୍କ ସଂକୀର୍ଣ୍ଣ ମାନସିକତାର ପରିଣତି ସ୍ୱରୂପ ଅନେକ ଅଂଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଭୋଟ୍ ବ୍ୟାଙ୍କ ସୃଷ୍ଟି ପାଇଁ ଜାତୀୟତାର ଭାବ ଭୁଲି ଚାଲିଥିବା ନେତା ମାନଙ୍କର ସ୍ୱାର୍ଥ ପରାୟଣତା ପ୍ରଜାଙ୍କୁ ପୁଣି ପରାଧୀନତା ଆଡ଼କୁ ଠେଲି ନେଉଛି । (କ୍ରମଶଃ)

+ ଓଡ଼ିଶା ନ୍ୟୁଜ୍ ସର୍ଭିସ, ଭୁବନେଶ୍ୱର,
(ମୋ)୯୩୩୭୩୬୯୪୪୮

ପ୍ରେମରେ୍ ପ୍ରେମରେ୍ ଗୀତି ....(୨)

■ ବିପିନ ମହାନ୍ତି

▲ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

॥ ଚାନ୍ଦ ଚୋରେଇ ନେଲ ॥

ଅନ୍ଧକାର ମୋତେ ଭଲ ଲାଗେ ଜାଣି
ଦୀପଟିଏ ଜାଳିଦେଲ,
ଆଲୁଅରେ ଯେବେ ଜିଇବା ଶିଖିଲି
ଚାନ୍ଦକୁ ଚୋରେଇ ନେଲ ।

ନିରବତା ଯେବେ ମାଗିଲି ତୁମକୁ
ଗାଇଲ ମିଳନ ଗୀତି,
ଶୂନ୍ୟତା ଯେବେ ଚାହିଲି ତୁମଠୁ
ଦେଇଛ ମେଞ୍ଚାଏ ସ୍ମୃତି,
ତୁମ ପ୍ରେମ ବିନା ଏ ମନ ବୁଝେନା
ହୁଏ ଖାଲି କଲବଲ ।

ରାତି ବଦଳରେ ତାତି ଭରି ଦେଲ
ଅନ୍ଧାର ଛଡ଼େଇ ନେଇ,
ଆଲୁଅରେ ଦେଖି ବାଟ ଭାଙ୍ଗିଗଲ
ଅଚିହ୍ନା ମୁଁ ବୋଲି କହି,
ଭିଜୁଥିଲି ତୁମ ସପନରେ ଟିକେ
ମୋ' ନିଦ ହଜେଇ ଦେଲ ।

...କଥା କିଞ୍ଚିତ...

ଉତ୍ତର- ଆଧୁନିକତା ଆଧୁନିକତାର ପରିଗ୍ରହଣ, ତାର ପୁଃର୍ନଗଠନ, ନୂଆ ରୂପାନ୍ତରୀକରଣ ବା ଅର୍ଥନ୍ୟାସ । ଏ ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ଅତି ସାମାନ୍ୟ ବୋଲି କେହି କେହି ମତବ୍ୟକ୍ତ କରିଥାନ୍ତି । ଉତ୍ତର-ଆଧୁନିକତା କେନ୍ଦ୍ରକୁ ବିଶ୍ୱାସ କରେ ନାହିଁ; ଏହା ପରିଧି ବା ପରିସୀମାକୁ ଯାଇ ଅଧିକ ବର୍ଣ୍ଣନା ବା ବିସ୍ତାରକୁ ଅସ୍ୱୀକାର କରେ । କ୍ଷୁଦ୍ର ବା ଖଣ୍ଡିତ ବର୍ଣ୍ଣନାକୁ ଗ୍ରହଣ କରେ । ଅତଏବ ଗୌଣତା, ଖର୍ବତା ଓ ଅପୂର୍ଣ୍ଣତା ଏହାର ବିଶେଷତ୍ୱ । ଆଦର୍ଶବାଦ ଓ ତତ୍ତ୍ୱକୁ ଏହା ଅସ୍ୱୀକାର କରେ । ଏହା ସାର୍ବଜନୀନ ବିଶ୍ୱ ଦୃଷ୍ଟିର ବିରୋଧ କରେ । ଅଥଚ କାହାକାହା ମତରେ ଉତ୍ତର ଆଧୁନିକ କବିର ଏକ ବିଶ୍ୱ ଦୃଷ୍ଟି ବା ମେଦିନୀ ଦୃଷ୍ଟି ରହିବା ଲୋଡ଼ା । ଏହା ତଥାକଥିତ ନୈତିକତା, ବୌଦ୍ଧିକତା, ମୂଲ୍ୟବୋଧ ଓ ସଂହତି ଚେତନାକୁ ସ୍ୱୀକାର କରେ ନାହିଁ । ସମକାଳୀନ ଓଡ଼ିଆ କବିତା ଏ ଦୃଷ୍ଟିରୁ ଉତ୍ତର ଆଧୁନିକତାକୁ ବିଶେଷ ଘେନା କରିନାହିଁ ।

ତଥାକଥିତ ପାଶ୍ଚାତ୍ୟ ସଂସ୍କୃତି, ସଂସ୍କୃତି ଭିତରେ ଅନୁପ୍ରବେଶ କରିଥିବା ଅପସଂସ୍କୃତିକୁ ଉତ୍ତର-ଆଧୁନିକତା ବିରୋଧ କରେ । ଏହା ଦେଶଜ ସଂସ୍କୃତି ବା ପରମ୍ପରାର ନିର୍ଯ୍ୟାସ ବା ଉପାଦାନକୁ ଗୁରୁତ୍ୱ ଦେଇଥାଏ । କବିତାରେ ନିଜ ମାଟି ପାଣି ପବନର କଥା ରହୁ ବୋଲି ଚାହେଁ । ଉତ୍ତର ଆଧୁନିକତା ତେଣୁ ମୃତ୍ତିକାନିଷ୍ଠ ଓ ଦେଶଜ ଭାବନାର ସମର୍ଥନକାରୀ । ଏଇ ପରମ୍ପରା ଓ ମୃତ୍ତିକାନିଷ୍ଠତା ଓଡିଆ କବିତା ଧାରାରେ ସ୍ୱତଃ ବିକଶିତ ହୋଇନାହିଁ କି ? ପାଶ୍ଚାତ୍ୟ ଉତ୍ତର- ଆଧୁନିକ ଅବଧାରଣାରେ ଏହା ଚିହ୍ନିତ ହେବ କାହିଁକି ?

ଆଧୁନିକତା ଗଭୀରତମ ସତ୍ୟର ଉଦ୍‌ଘାଟନ ପାଇଁ ପ୍ରୟାସୀ ହେଲାବେଳେ ଉତ୍ତର-ଆଧୁନିକତା ବାହ୍ୟସତ୍ତା ବା ଉପରିଭାଗ (surface Level)ର ସତ୍ୟକୁ ପ୍ରକାଶ କରେ । ଆଧୁନିକତାର ଅନ୍ୟତମ ପ୍ରମୁଖ ଆଧାର ସ୍ଥିତିବାଦ, କିନ୍ତୁ ଉତ୍ତର-ଆଧୁନିକତାର ଆଧାର ସଂରଚନାବାଦ (Post-structuralism) । ସ୍ଥିତିବାଦ ଈଶ୍ୱର ବିଶ୍ୱାସକୁ ଅସ୍ୱୀକାର କଲାବେଳେ ଉତ୍ତର-ଆଧୁନିକତା ଈଶ୍ୱର ବିଶ୍ୱାସକୁ ଭ୍ରାନ୍ତି ବୋଲି ବିଚାର କରେ । ଓଡ଼ିଆ କବିତାରେ ଈଶ୍ୱରାନୁରକ୍ତି ନାନା ଭାବରେ ସଶକ୍ତ ଏବଂ କେହି କେହି ସ୍ଥିତିବାଦକୁ ସମର୍ଥନ କରି ଏକ ଦ୍ୱନ୍ଦ୍ୱସଂକୁଳ ମାନସିକତା ପୋଷଣ କରିଥାନ୍ତି । ଏଇ ସ୍ଥିତିରୁ ବୁଝିହେବ ଆଧୁନିକତାର ଫଳଶ୍ରୁତିକୁ । ଈଶ୍ୱର ଉପଲବ୍ଧି ପଛରେ ପରମ୍ପରା ଓ ବିଶ୍ୱାସ ବୋଧର ପ୍ରତିଫଳନ ଘଟିଲା ବେଳେ ଆଧୁନିକତାର ଅନ୍ୟତମ ବିଭବ ସ୍ଥିତିବାଦୀ ଚେତନାକୁ ସମର୍ଥନ କରିବା ନାଁରେ ଈଶ୍ୱରଙ୍କୁ ଅସ୍ୱୀକାର କରିବା ବହୁ ପ୍ରବୀଣ ପ୍ରତିଷ୍ଠିତ ଓଡ଼ିଆ କବିଙ୍କ ଦୃଷ୍ଟିଭଂଗୀ ।

ଡ.ଶତ୍ରୁଘ୍ନ ପାଣ୍ଡବ
କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା-୭୫୪୨୧୧



॥ ଛାଇ ॥



ଗୁରୁଦେବ ସିଂହ ରୂପାଣା (୧୯୩୩)

କେତେ ଭୀଷଣ ଥିଲା ଦେଶ ବିଭାଜନର ସମୟ, ତାହା ଆଜି କଳ୍ପନା କରିବା ବି କଷ୍ଟ । ଯେଉଁମାନେ ଦେଖିଛନ୍ତି, ଭୋଗିଛନ୍ତି ସେଇମାନେ ହିଁ କହିପାରିବେ ସେଇ ବିଷୟରେ । ବିଭାଜନ ବେଳକୁ ପ୍ରାୟ ଚଉଦ ବର୍ଷ ହେଉଥିବା କିଶୋରଟେ ନିଶ୍ଚିତ ଅଙ୍ଗେ ନିଭେଇଥିବ ସେଇ ସମୟକୁ । ସେଇ କିଶୋର ଆଜିର ପଞ୍ଜାବୀ ସାହିତ୍ୟର ଜଣେ ପ୍ରଖ୍ୟାତ କଥାକାର ସରଦାର ଗୁରୁଦେବ ସିଂହ ରୂପାଣା । ତାଙ୍କରି ଗାଁ 'ରୂପାଣା' ପାଖ ଦେଇ ପନ୍ଦର କୋଡ଼ିଏ ମାଇଲ ଦୀର୍ଘ ମାନବ ଶୃଙ୍ଖଳ ଗୁଡ଼ିକ ଲମ୍ବିଥିଲେ ନବଜନ୍ମିତ ପାକିସ୍ଥାନ ଅଭିମୁଖେ । ସେଇ ସମୟଖଣ୍ଡକୁ ପାଠକ ସମ୍ମୁଖରେ ପରଖିଦେବାର ଉଦ୍ଦେଶ୍

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ମଇ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆଉଜା କବାଟ (୩୮)

କାରଣ ଆମେ ସ୍ୱାଧୀନ

ଡ. ରାଧାରଂଜନ ପଟ୍ଟନାୟକ

'ସ୍ୱାଧୀନତା'କୁ ଆମେ ସମସ୍ତେ ଭରପୂର ଉପଭୋଗ କରିଆସୁଛୁ। ସ୍ୱାଧୀନତା କିପରି ମିଳିଲା ଏବଂ କେଉଁ କେଉଁ ଶହୀଦ ନିଜ ନିଜର ସର୍ବସ୍ୱ ଅଜାଡ଼ି ଦେଲେ, ସେ ସମ୍ପର୍କରେ ଅନେକ ଗବେଷଣା ହୋଇଛି। ଲେଖାବି। ଏଣୁ ମୋର ଚିନ୍ତନ କେବଳ ସ୍ୱାଧୀନତାକୁ ଉପଭୋଗ କରିବି, କାରଣ ଚିନ୍ତା କରିବା ଆମର ଏକ ନିତ୍ୟ ନୈମିତ୍ତିକ ଆଦତ୍।

ଆମେ ଆଜି ସ୍ୱାଧୀନ। ଆମ ଜମି, ଆମ ଆକାଶ ବି ସ୍ୱାଧୀନ। ଦେଶର ତମାମ୍ ସହର, ସହରର ଉପାନ୍ତ ଅଞ୍ଚଳ, କାଦୁଅ ତଥା ଅସନାଯୁକ୍ତ ଗାଁ ବି ଆଜି ସ୍ୱାଧୀନ। ଏହି କଥାକୁ ରାଜନୀତିର ଛାଞ୍ଚରେ ଢାଳି କହିଲେ ଆମେ ଗର୍ବ ଅନୁଭବ କରୁ। କାରଣ ଆମେ ସ୍ୱାଧୀନ। କୌଣସି ନେତା ଏହି ବିଷୟ ଉପରେ ଦୁଇ ତିନିଘଣ୍ଟା ଭାଷଣ ଦେଇପାରନ୍ତି। ମାତ୍ର ମୁଁ ଅତି ସଂକ୍ଷେପରେ ମୋର କଥା ରଖିବି।

ସର୍ବପ୍ରଥମେ ମୁଁ ନିଜ କଥା ଅର୍ଥାତ୍ ସାଧାରଣ ମଣିଷଠୁଁ ଆରମ୍ଭ କରିବି। ଆମେ ସ୍ୱାଧୀନ। ଆମର ଇଚ୍ଛା ଯେଉଁଠି ଚାହିଁବା ଆବର୍ଜନା ଫିଙ୍ଗିପାରିବା, ଯେଉଁଠି ଛିଡ଼ା ହୋଇବି ପବିତ୍ର ଲଘୁ ଶଙ୍କାର ସମାଧାନ କରିପାରିବା ଏବଂ ଚାହିଁବା ତ କୌଣସି କାନ୍ଥ ବା ପାଚେରୀର ଛାତି ଉପରେ ପାନ ଖାଇ ଛେପ ପକାଇପାରିବା। କିଛି ଛେପ ପକାଇବାର ଏମିତି ଅନେକ ହିତାକାଂକ୍ଷୀ ବନ୍ଧୁ ଅଛନ୍ତି, ଯେଉଁମାନେ ଏତାଦୃଶ କଳାରେ ଏତେ ପାରଙ୍ଗମ ଯେ ସେମାନେ କର୍ତ୍ତବ୍ୟନିଷ୍ଠ ହୋଇବି ସର୍କାରୀ କୋଠାଘରର କାନ୍ଥରେ ଲେଖା ଯାଇଥିବା ବିଜ୍ଞାପନ ଥିଲେବି ଛେପ ମାରିପାରନ୍ତି। ଯେଉଁଠି ଲେଖାଥାଏ "ଦୟାକରି ଛେପ ପକାନ୍ତୁ ନାହିଁ।" ଏହାର ପ୍ରତ୍ୟକ୍ଷ ଉଦାହରଣ କଚେରୀର କାନ୍ଥ ଉପରେ ଦେଖିବାକୁ ମିଳିଥାଏ। ଏହି ପବିତ୍ର କାମରେ କେହି ଆକଟ କରିପାରିବେ ନାହିଁ। କାରଣ, ଆମେ ସ୍ୱାଧୀନ କେବଳ ଏତିକି ନୁହେଁ, ଆମ ଦେଶର ସଚେତନ ନାଗରିକ ବି ନିଜ ଇଚ୍ଛାରେ ନିଜ ସ୍ୱାଧୀନତାକୁ ଉପଭୋଗ କରିବା ସଂଗେ ସଂଗେ ସାଧାରଣ ରାସ୍ତା ମଝିରେ ନିଜ ଗାଡ଼ିକୁ ଠିଆ କରାଇଥାନ୍ତି। ଏହାର ଫଳସ୍ୱରୂପ ଯଦି ରାସ୍ତା ବନ୍ଦ ହୋଇଯାଏ ଅଥବା ଜାମ୍ ଲାଗିଯାଏ, ତେବେ ଏ ସମ୍ପର୍କରେ ଚିନ୍ତା କରିବା ସର୍କାରଙ୍କ କାମ ବୋଲି ସଭିଏଁ ଭାବନ୍ତି। ପୋଲିସ୍ ବାଲାଙ୍କ ଉପରେ ଆଙ୍ଗୁଳି ଉଠାନ୍ତି। ଟ୍ରାଫିକ୍ ବାଲାଙ୍କ ଉପରେ ତ ନାହିଁ ନଥିବା ଗାଳିବି ଦିଅନ୍ତି।

> ଆମେ ଆଜି ସ୍ୱାଧୀନ। ଆମ ଜମି, ଆମ ଆକାଶ ବି ସ୍ୱାଧୀନ। ଦେଶର ତମାମ୍ ସହର, ସହରର ଉପାନ୍ତ ଅଞ୍ଚଳ, କାଦୁଅ ତଥା ଅସନାଯୁକ୍ତ ଗାଁ ବି ଆଜି ସ୍ୱାଧୀନ। ଏହି କଥାକୁ ରାଜନୀତିର ଛାଞ୍ଚରେ ଢାଳି କହିଲେ ଆମେ ଗର୍ବ ଅନୁଭବ କରୁ। କାରଣ ଆମେ ସ୍ୱାଧୀନ। କୌଣସି ନେତା ଏହି ବିଷୟ ଉପରେ ଦୁଇ ତିନିଘଣ୍ଟା ଭାଷଣ ଦେଇପାରନ୍ତି।

ଏତଦ୍‌ଭିନ୍ନ ସହରକୁ ଦୁର୍ଗନ୍ଧଯୁକ୍ତ ବନାଇବା ପାଇଁ ଆମେ କାହାରିଠାରୁ ବି ପଛରେ ନଥାଉ। "ହମ୍‌ସେ ବଡ଼ା କୌନ୍ ହୋ ସକ୍‌ତା" ଆମେ ଆମର ଘର ଏବଂ ଦୋକାନକୁ ନିୟମିତ ଝାଡୁ ଲଗାଉ। ସାଫ ସଫାଇ ବି କରୁ। ମାତ୍ର ଘରର ଅଥବା ଦୋକାନର ସାରା ଆବର୍ଜନା ଟେକି ଆଣି ପୂରା ଦାୟିତ୍ୱବାନ୍ ସହକାରେ ସଡ଼କ ଉପରେ ଫିଙ୍ଗିଦେଉ। ସଡ଼କ ଅପରିଷ୍କାର ହୋଇଯାଉ ଅଥବା ଦୁର୍ଗନ୍ଧଯୁକ୍ତ ହୋଇଯାଉ ଆମର କୌଣସି ଦାୟିତ୍ୱ ନାହିଁ। କାରଣ ଆମେ ସ୍ୱାଧୀନ।

ଆମ ଦେଶର ବେକାରୀ ସମସ୍ୟା ଏକ ବଡ଼ ସମସ୍ୟା। ମାତ୍ର ରୋଜଗାର କରିବାର ପନ୍ଥା ଅନେକ ଅଛି। କରିବା ବାଲା କିନ୍ତୁ ଦରକାର। ଯଦି ଆପଣ ବେରୋଜଗାର ତେବେ ଚିନ୍ତା କରିବା ଦର୍କାର ନାହିଁ। ଏଥିପାଇଁ ସହର କିମ୍ବା ସହରର ଉପାନ୍ତ ଅଞ୍ଚଳରେ ଗୋଶାଳା (ଡେରୀ ଉଦ୍ୟୋଗ) ଚଳାଇ ପାରିବେ। ସହରର କୌଣସି ଜନସଂଖ୍ୟା ବହୁଳ ସ୍ଥାନରେ ମାତ୍ର ପଚାଶ ମିଟରର ଦୋକାନ୍‌ରେ ମଧ୍ୟ ଡେରୀ ଉଦ୍ୟୋଗ ଚଳାଯାଉଛି। ମଇଁଷି ସଡ଼କ ଉପରେ, ଗୋବର ଏବଂ ଭୁଷା ଛାତ ଉପରେ ଶୋଭାପାଏ। ଯାହା ସାମାନ୍ୟ ପବନରେ ଉଡ଼ି ପଡ଼ୋଶୀଙ୍କ ଘରକୁ ପବିତ୍ର କରିଥାଏ। ଗଳିରେ ଗୋବର ଦ୍ୱାରା ଶୋଭନୀୟ ଦୃଶ୍ୟ ସୃଷ୍ଟି କରିଥାଏ। ସଡ଼କ କଡ଼ରେ ବନ୍ଧା ଯାଇଥିବା ମଇଁଷି ପାର୍ଶ୍ୱରେ ଥିବା ଗଳିରୁ ବାହାରିବା ସମୟରେ, ଆପଣ କେତେବି ସ୍ନାନ କରି ପବିତ୍ର ହୋଇଥାଆନ୍ତୁ, ମଇଁଷିର ଗୋବର ଲିପା ଲାଞ୍ଜ ଅବଶ୍ୟ ଆଶୀର୍ବାଦ ଦେବ। କେହି ଏହାକୁ ଖରାପ ମାନିବତ ମାନୁ, ଆମକୁ କେହି ଏ ବାକ୍ୟରୁ ନିବୃତ୍ତ କରିପାରିବ ନାହିଁ। କାରଣ ଆମେ ସ୍ୱାଧୀନ। ଏହାର ଏକ ବିକଳ୍ପ ଏହା ମଧ୍ୟ ହୋଇପାରେ ଯଦି ଆପଣଙ୍କ ଘରେ ଜାଗା ବିଲ୍‌କୁଲ୍ ନାହିଁ, ଏବଂ ଆପଣ ଗୋମାତାଙ୍କ ସେବା କରିବାକୁ ଚାହୁଁଥାନ୍ତି, ତେବେ ଆପଣ ଗୋଟିଏ କିମ୍ବା ଦୁଇଟି ଗାଈ ପାଳିନିଅନ୍ତୁ। ଦୁଧ ଦୁହିଁବା ସମୟରେ ଗାଈକୁ ଅଟକାଇ ନିଜର ଦୁଗ୍ଧ ଆମଦାନୀ କାର୍ଯ୍ୟ ସମାପ୍ତ ପରେ ସେହି ଗାଈକୁ ସହର ଭ୍ରମଣ ଉଦ୍ଦେଶ୍ୟରେ ଛାଡ଼ିଦିଅନ୍ତୁ। ଏହି ଗାଈ ଏବଂ ତାର ବଂଶଜ ସ୍ୱତନ୍ତ୍ରତାପୂର୍ବକ ସହରର ସାର୍ବଜନିକ ସ୍ଥାନରେ ବିଶେଷ କରି ପରିବା ମାର୍କେଟରେ ଲୋକଙ୍କୁ ସୂଚାଇ ଦେବ ଯେ, ବାସ୍ତବିକ୍ ଆମେ ପ୍ରକୃତରେ ସ୍ୱାଧୀନ।

ସ୍ୱାଧୀନତାର କଥା ହେଉଥିବ ମାତ୍ର ବଜାର ସମ୍ପର୍କରେ ଚର୍ଚ୍ଚା ନଥିବ, ଏକଥା ହଜମ ହୁଏ ନାହିଁ। ବଜାରର ସ୍ୱାଧୀନତା ପ୍ରତ୍ୟକ୍ଷ ରୂପରେ ଦୃଷ୍ଟି ଗୋଚର ହୁଏ। ନିଜ ଦୋକାନର ସାରା ଅବର୍ଜନା ସଡ଼କ ଉପରେ ଫିଙ୍ଗି ନିଜ ଦୋକାନକୁ ଖୁବ୍ ମନଯୋଗ ସହକାରେ ସଜାଇ ଥାଉ। ଦୋକାନ ସଜାଇବା ପାଇଁ ଫୁଟ୍‌ପାଥ୍‌କୁ ଅଧିଗ୍ରହଣ କରି ଘେରାଇବା ଆବଶ୍ୟକ ଅଛି ବୋଲି ଭାବି ଦୋକାନ ସାମନାରେ ସଡ଼କ ଉପରେ ଆଖିପ୍ରେମ ଦ୍ରବ୍ୟ ରଖୁ। ଲୋକମାନଙ୍କୁ ଯାତାୟତ କରିବାର କଷ୍ଟ ପାଇଁ ଆମକୁ କୌଣସି ବ୍ୟକ୍ତି ଦୋଷ ଦେଇପାରିବ ନାହିଁ। କାରଣ ଆମେ ସ୍ୱାଧୀନ।

କେହି ଜଣେ ସ୍ୱାଧୀନତାର ପକ୍ଷବାଦୀ କହିଲେ, ଆମର ସ୍ୱାଧୀନତା ସମାପ୍ତ ହୋଇଯାଏ ସେଇଠି ଯେଉଁଠି ଅନ୍ୟମାନେ କଷ୍ଟ ଅନୁଭବ କରନ୍ତି। ମାତ୍ର ଆମେ ଆମର ସ୍ୱାଧୀନତାକୁ ଉପଯୋଗ କେବଳ ଅନ୍ୟକୁ କଷ୍ଟ ଦେବାପାଇଁ କରୁଛୁ। ଘରେ ଟି.ଭି. ରେଡ଼ିଓ ପୂରା ଆବାଜ୍‌ରେ ବଜାଇବାରେ ଗୋଟେ ଅଦ୍ଭୁତ ମଜା ଆସିଥାଏ। କାରଣ ପଡ଼ୋଶୀ ଏହି ଶବ୍ଦ ଶୁଣି ବିବ୍ରତ ହୋଇଯାଉ, ନିଦ୍ରାଦେବୀ ତାଙ୍କର ପାଖ ନପଶୁ। ଏଥିପାଇଁ ଆମର ଧର୍ମ ବି ମଞ୍ଜୁରି ଦେଇଥାଏ। ମନ୍ଦିର, ମସ୍‌ଜିଦ୍ ଏବଂ ଗୁରୁଦ୍ୱାରରେ ବାଜୁଥିବା ଲାଉଡ଼ସ୍ପିକର ଆମକୁ ସ୍ୱର୍ଗଲୋକକୁ ଟିକେଟ୍ କାଟିବା ପାଇଁ ସମ୍ପୂର୍ଣ୍ଣ ସୁବିଧା ପ୍ରଦାନ କରିଛି। ସମ୍ଭବତଃ ସମଗ୍ର ବିଶ୍ୱରେ ଏମିତି କୌଣସି ଦେଶ ନାହିଁ, ଯେଉଁଠି ଆମ ଦେଶ ଭଳି ସବୁ କିଛି କରିବାର ସ୍ୱାଧୀନତା ପ୍ରଦାନ କରିଛି। ଆମର ସ୍ୱାଧୀନତା ଉପରେ ଏକ ଚାରି ଧାଡ଼ିର କବିତା ମୋ ତରଫରୁ ... କେମ୍‌ତି ଆମେ ସ୍ୱାଧୀନତାର ମନ୍ତ୍ର ପଢୁ। କେମ୍‌ତି ଆମେ ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ସୃଷ୍ଟି କରିଚାଲିଛୁ - ଏଇଠି - ଏଇ ମାଟିରେ -

କିଏ ସେ କହିବ କାହିଁକି କହିବ
ଏଡ଼େ ବହପ ତା'ର !
ମୋ ଇଚ୍ଛାର ମୁହିଁତ ସମ୍ରାଟ୍
କାହାକୁ ନାହିଁ ମୋ ଡର।
ସ୍ୱାଧୀନ ଭାରତ ଲଡୁ ଖାଉଅଛି
ସ୍ୱାଦ ତା'ର ଚାଖି ଚାଖି
ମୋ କାମରେ କେବେ ଦେଖାଅନି ତମେ
ତୁମର ସେ ନାଲି ଆଖି ॥
ପଶୁପକ୍ଷୀଠାରୁ ସବୁଜ କାନ୍ତାର
ସ୍ୱାଧୀନ ସଭିଏଁ ଏଠି
ମଣିଷକି ଛାର ଭାବିଅଛ ତମେ
ଖଟୁଥିବ ନିତି ବେଠି ?
ପାନ ଗୁଟ୍‌ଖା ଖାଇ ଥୁକୁଥିବି ମୁହିଁ
ସ୍ୱାଧୀନ ମନଟେ ନେଇ
କିଏ ଦେଖାଇବ ମରଦପଣିଆ
ମୋ କାମକୁ ବାଧା ଦେଇ ?
ଦେଶ ଧନ ଖୋଳ କରୁଥିବି ନିତି
ସ୍ୱାଧୀନ ମନ୍ତ୍ର ପଢ଼ି
ରହିବ ଯଦିବା ରୁହ ଏଇଦେଶେ
ନହେଲେ ପଳାଅ ଛାଡ଼ି ॥

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

ରବିବାର ଚିନ୍ତନ
ସାପ୍ତାହିକ କ୍ରୋଡ଼ପତ୍ର

ସ୍ମୃତି ଶତଦଳ ୧୯୬



ଆତ୍ମଜାର ଅନ୍ତଃସ୍ୱର-୩

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

କବିତା ଲେଖିବା ଏକ ସୂକ୍ଷ୍ମ କାରୁକାର୍ଯ୍ୟ । ଭାବ, ଭାଷା, ଛନ୍ଦ କୁ ନିଖୁଣ ଭାବରେ ସଜାଇ କବିତାର ପରିପୂର୍ଣ୍ଣ ଅଙ୍ଗ ବିନ୍ୟାସ କରିବା ହେଉଛି କବିର କଳାତ୍ମକ ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ପରିଚାୟକ । ଯେମିତି ଶିଳ୍ପୀଟିଏ ସଂପୂର୍ଣ୍ଣ ସୂକ୍ଷ୍ମତାର ସହ ନିଖୁଣ ମୂର୍ତ୍ତିଟିଏ ଗଢ଼ିଥାଏ, ଠିକ୍ ସେମିତି ଚିତ୍ରକରଟିଏ ମଧ୍ୟ ତାର ତୁଳୀ ଆଉ ରଙ୍ଗର ଅନୁପମ ବିଚକ୍ଷଣତାରେ ଚିତ୍ରଟିକୁ ଜୀବନ୍ତ କରିଥାଏ । ସେ ସୁନ୍ଦର ମୂର୍ତ୍ତିଟିକୁ ମନଲୋଭା ଚିତ୍ରଟିକୁ ଦେଖିଲେ ଖୁବ୍ ଖୁସି ଲାଗେ । କବିତା ହେଉଛି ସେମିତି ଗୋଟିଏ କଳାକୃତି, ଯାହାକୁ ପଢ଼ିଲେ ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ ଏବଂ ଭଲ କବିତାଟିକୁ ସବୁବେଳେ ଗୁଣୁଗୁଣେଇବାକୁ ମନ ହୋଇଥାଏ । ସେମିତି 'ଆତ୍ମଜା' କବିତାଟି ଏକ ଜୀବନ୍ତ କବିତା ହିସାବରେ ମୋ ମନ ଓ ହୃଦୟ ଭିତରେ ଚିରଜୀବନ୍ତ ହୋଇ ରହିଛି ଓ ରହିଥିବ । ତାର ସଜୀବ ସତ୍ତା ମୋ ଭିତରେ ସଂଚରିତ ହୋଇ ଯାଇ ମତେ ପ୍ରତି ମୁହୂର୍ତ୍ତରେ ଆହୁରି ଆହୁରି ନୂତନ ସୃଷ୍ଟି ପାଇଁ ଉଦ୍‌ବୁଦ୍ଧ କରୁଥିବ ।

ଜୟପୁରରୁ ଦିଲ୍ଲୀ ଫେରି ଆସିଲୁ, କିନ୍ତୁ ପ୍ରଚ୍ଛଦପଟରେ ଅନୁରଣିତ ହେଉ ଥିଲା ଏକ ଅମୃତମୟ ସଂଗୀତର ଝଂକାର । କବି ସମ୍ମିଳନୀର ସମସ୍ତ ସ୍ମୃତି ଏକ କାସେଟ୍‌ରେ ରେକର୍ଡିଂ କରି ଆଣିଥିଲୁ । କିନ୍ତୁ ମନର କ୍ୟାସେଟ୍‌ରେ ଚିରଦିନ ପାଇଁ ରେକର୍ଡିଂ ହୋଇରହିଲା 'ଆତ୍ମଜା'ର ଆବୃତ୍ତି ଓ ଜୟପୁର କବି ସମ୍ମିଳନୀ । ଏହାକୁ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ଆଇନ ପ୍ରାଧିକରଣ କାର୍ଯ୍ୟାଳୟ ତରଫରୁ ଆଉ ଥରେ ରିପ୍ରିଣ୍ଟ୍ କରାଯାଇ, ଓଡ଼ିଶାର ପୁରପଲ୍ଲୀରେ ଲିଫ୍‌ଲେଟ୍‌ମାନ ବଂଟା ଯାଇଥିଲା - 'ଆତ୍ମଜା' କବିତାଟିକୁ ଶତାଧିକ କବିତା ପାଠୋତ୍ସବରେ ପଢ଼ିଛି, ବିଭିନ୍ନ ଖବର କାଗଜ ଓ ମ୍ୟାଗାଜିନ୍‌ରେ ପ୍ରକାଶିତ ହୋଇଛି ତଥା ଦୂରଦର୍ଶନ ଓ ଅନ୍ୟାନ୍ୟ ପ୍ରାଇଭେଟ୍ ଚ୍ୟାନେଲ୍‌ରେ ମଧ୍ୟ ବାରଂବାର 'ଆତ୍ମଜା'ର ଆବୃତ୍ତି କରିଛି ।

ଥରଟିଏ ନୟାଗଡ଼ରେ ପ୍ରଭାତଫେରିରେ ସେ ଗୀତଟିକୁ ବୋଲି ବୋଲି ଗଳାବେଳେ ଜଣେ ମହିଳା ମତେ କାନ୍ଦି କାନ୍ଦି ଫୋନ୍ କରି କହିଥିଲେ - "ମ୍ୟାଡ଼ାମ୍ ମୁଁ ଗୋଟିଏ ଝିଅର ମା', ମୋ ଝିଅକୁ ଆପଣ ଡେଲିଭରି କରିଛନ୍ତି । ସେଥିପାଇଁ ଆଜି ମୁଁ ସବୁଠାରୁ ବେଶୀ ଖୁସି, ଆନନ୍ଦ ଓ ଗର୍ବ ଅନୁଭବ କରୁଛି ଯେ, ମୋ ଝିଅ ଆପଣଙ୍କ ହାତରେ ଏ ପୃଥିବୀକୁ ଆସିଛି ଏବଂ ମୁଁ ତାକୁ ଆପଣଙ୍କ ଭଳି ଡାକ୍ତର କରିବାକୁ ଚେଷ୍ଟା କରିବି ।" ଯା' ଠାରୁ ବଳି ଖୁସି ଆଉ କ'ଣ ହୋଇପାରେ ? କହିବା ବାହୁଲ୍ୟ ସେଇ ସମୟରେ ମୁଁ ଡେଲିଭରି କରିଥିବା ଅନେକ ଝିଅଙ୍କୁ ତାଙ୍କ ମା'ମାନେ 'ଆତ୍ମଜା' ନାଁ ଦେଇଥିଲେ ।

ଗୋଟିଏ ଝିଅ ତା'ର ଜନ୍ମ ମୁହୂର୍ତ୍ତରୁ ହିଁ କପାଳରେ ସହନଶୀଳତାର ଟୀକା ଲଗାଇ ତା'ର ଅକ୍ଷୟ ଯାତ୍ରା ଆରମ୍ଭ କରିଦିଏ । ମାଟି ଭଳି ସେ ସର୍ବଂସହା, ଦୟା, କ୍ଷମା ଓ ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ, ନଦୀ ଭଳି ସାବଳୀଳ ଗତିରେ ଜୀବନର ସବୁତକ ଆବିଳତାକୁ ଧୋଇ ଧାଇ ସେ ନିର୍ମଳ କରିଦିଏ । କିଏ କହେ ସେ ଅଲୋଡ଼ା ?

ଏମିତିକି ଏସ୍.ସି.ବି. ମେଡ଼ିକାଲ କଲେଜରେ ଥରଟିଏ ଏକାଦିନରେ ଏକା ସମୟରେ ଦୁଇ ମହିଳାଙ୍କର ଡେଲିଭରି ହେଲା, ଜଣକର ଝିଅ ଓ ଆଉ ଜଣକର ପୁଅ । ଆଶ୍ଚର୍ଯ୍ୟର କଥା ଦୁଇ ଜଣ ଯାକ ସଦ୍ୟପ୍ରସୂତି କେବଳ ପୁଅଟିକୁ ହିଁ କୋଳକୁ ଟାଣିନେଲେ 'ମୋ ପୁଅ', 'ମୋ ପୁଅ ବୋଲି ।' ଅଥଚ ଝିଅଟିର ପ୍ରକୃତ ମା' ଝିଅକୁ ଗ୍ରହଣ ନକରି ଓଲଟି ଡାକ୍ତର ଓ ନର୍ସମାନଙ୍କୁ ଗାଳିଦେଇ ପିଲା ବଦଳାଇ ଦେଇଛ, ପୁଅ ନେଇ ଝିଅ ଦେଇଛ, ଏ ଝିଅ ମୋର ନୁହେଁ ଓ ଝିଅକୁ ନେବି ନାହିଁ, କହି ତାକୁ ଛାଡ଼ି ଡିସ୍‌ଚାର୍ଜ ହୋଇ ଚାଲିଗଲେ । ଏହା ଉପରେ ବହୁ ଯୁକ୍ତିତର୍କ ଓ ମିଡ଼ିଆରେ ହଇଚଇ ସୃଷ୍ଟି ହେଲା । ଶିଶୁକନ୍ୟାଟିକୁ ଆମ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ନର୍ସରୀରେ ରଖାଗଲା । ସେଠିକାର ସିଷ୍ଟରମାନେ ତାକୁ ମିଲ୍କ୍‌ପାଉଡର ଖୁଆଇ ବଢ଼ାଇଥିଲେ ଏବଂ ଡ୍ରେସ୍ ମଧ୍ୟ ପିନ୍ଧାଉଥିଲେ । ହାଇକୋର୍ଟରେ କେଶ୍ ଚାଲୁଥିଲା ଓ ଝିଅଟି ମଧ୍ୟ ଡିପାର୍ଟମେଣ୍ଟରେ ବଢୁଥିଲା । ପ୍ରଫେସର ଶ୍ୟାମା କାନୁନ୍‌ଗୋ କହିଲେ "ସରୋଜିନୀ ମ୍ୟାଡ଼ାମ୍, ଆପଣଙ୍କ କବିତାର ଶୀର୍ଷକ ଅନୁଯାୟୀ ଝିଅର ନାମକରଣ କରାଯିବ ଓ ତା' ନାଁ ରଖାଯିବ 'ଆତ୍ମଜା' । ଅତ୍ୟଧିକ ଖୁସିରେ ମୁଁ କାନ୍ଦି ପକାଇଥିଲି ।

ଶେଷରେ ହାଇକୋର୍ଟରେ ହିଁ ସେ କେଶ୍‌ର ବିଚାର ହୋଇଥିଲା ତାର, ଡିଏନ୍ ଏ ଟେଷ୍ଟ ହୋଇଥିଲା ଏବଂ ସମ୍ମାନନୀୟ ନ୍ୟାୟମୂର୍ତ୍ତିଙ୍କର ଉପଯୁକ୍ତ ନ୍ୟାୟ ପ୍ରଦାନ ପରେ 'ଆତ୍ମଜା'କୁ ତା' ମା' କୋଳ ମିଳିଥିଲା । ତା'ପରେ ଝିଅଟିର ନିଜ ମା' ହସ୍‌ପିଟାଲକୁ ଆସି ନର୍ସମାନଙ୍କ ହାତରୁ ଝିଅକୁ ଗ୍ରହଣ କରିଥିଲେ । ତେବେ ଝିଅମାନଙ୍କର କ'ଣ ନ୍ୟାର୍ଯ୍ୟ ଅଧିକାର ନାହିଁ, ମା'ର ଯତ୍ନ, ମା'ର କୋଳ, ମା'ର ଆଦର ପାଇବା ପାଇଁ ?

କୁନି ଝିଅ 'ଆତ୍ମଜା'କୁ କୋର୍ଟର ରାୟ ପାଇଲାପରେ ତା'ର ମା' ଟାଣି ନେଲା ବେଳେ କେବଳ ଜୁଲୁ ଜୁଲୁ କରି ଚାହିଁବା ଛଡ଼ା ଆଉ କିଛି ଚାରା ନଥିଲା ଝିଅଟିର । ତେବେ ୮ ମାସ ଯାଏଁ ମା' ସ୍ନେହରୁ ବଂଚିତ ହୋଇଥିବା 'ଆତ୍ମଜା'କୁ କିଏ ଫେରାଇ ଦେବ ମା'ର ସ୍ନେହ ତାର ନିଖୋଜ ଶୈଶବ ?

ସେଇ ଉପେକ୍ଷିତ ଝିଅଟି ମୁହଁରୁ ଶୁଣନ୍ତୁ ମା' ପାଇଁ କିଛି ପ୍ରଶ୍ନ ।

"ଶେଷରେ ଡି.ଏନ.ଏ. ଟେଷ୍ଟ/ ଲୋଡାହେଲା/ ମା' କୋଳ ପାଇଁ/ ନ୍ୟାୟଦଣ୍ଡର ନିକିତିରେ/ନ୍ୟାୟ ମୂର୍ତ୍ତି ହିଁ/ ଫେରାଇ ଦେଲେ/ ମୋର ଝିଅ ହେବାର/ ଅଖଣ୍ଡ ଅଧିକାର / ମୋର ନୀରବ ଓଠରେ/ ଗୋଟିଏ ପ୍ରଶ୍ନ ମା'/ ସବୁ ଝିଅ କ'ଣ ମୋ ଭଳି ଆଲୋଡା / ଅହରହ ଜଳିଥାନ୍ତି/ ସମାଜର ଅସୂୟା ଅଗ୍ନିରେ /ସବୁ ଝିଅମାନେ କ'ଣ/ ଆତ୍ମଜା ହେବା ପାଇଁ/ ଅହର୍ନିଶି ଚଢିଥାନ୍ତି/ ନ୍ୟାୟ ନିକିତିରେ।"

ଯଦିଓ ସମସ୍ତେ ଜାଣନ୍ତି ଝିଅଟିଏ ଜନ୍ମ ହେବା ପାଇଁ ମା' ନୁହେଁ ବାପା ହିଁ ଦାୟୀ । କାରଣ ମା'ର **X X** କ୍ରୋମୋଜୋମ୍ ଥିବାବେଳେ ବାପାଙ୍କର **XY** କ୍ରୋମୋଜୋମ୍ ଥାଏ । କିନ୍ତୁ ସମସ୍ତେ ଦାୟୀ କରନ୍ତି ମା'କୁ ଏବଂ ଅସଂଖ୍ୟ ଭର୍ତ୍ସନାରେ ଭରିଯାଏ ତା'ର ମନ । ପ୍ରକୃତରେ ବିଚାରକୁ ନେଲେ ଆମେ ଜାଣିବା ଯେ, ଇଷ୍ଟ୍ରୋଜେନ୍ ହର୍‌ମୋନ ପାଇଁ ଝିଅଟିର ସବୁ ଅଙ୍ଗ ପ୍ରତ୍ୟଙ୍ଗ ବିଶେଷ ଭାବରେ ମସ୍ତିଷ୍କ ବହୁତ ଉନ୍ନତ ହୋଇଥାଏ । ଝିଅମାନେ ଭଲ ପଢ଼ନ୍ତି - ତାଙ୍କର ମେଧା ଶକ୍ତି ଉନ୍ନତ ତଥା ଉଚ୍ଚକୋଟୀର । **X X** କ୍ରୋମୋଜୋମ୍ ଶକ୍ତିଶାଳୀ ଥିବାବେଳେ **XY** କ୍ରୋମୋଜୋମ୍‌ର ଶକ୍ତି କମ୍ । ତଥାପି ଝିଅମାନେ ସବୁଠାରେ ଅବହେଳାର ଶିକାର ହୋଇଥାନ୍ତି ।

୨୦୦୨ ମସିହାରେ ସର୍ବଭାରତୀୟ ସ୍ତ୍ରୀ ରୋଗ ଓ ପ୍ରସୂତିବିଶେଷଜ୍ଞ ସମ୍ମିଳନୀ ଭୁବନେଶ୍ୱରରେ ହୋଇଥିଲା । ସବୁ ରାଜ୍ୟରୁ ପ୍ରାୟ ଦଶହଜାର ସ୍ତ୍ରୀରୋଗ ଓ ପ୍ରସୂତିବିଶେଷଜ୍ଞ, ଯୋଗ ଦେଇଥିଲେ । ଆମର ସମ୍ମିଳନୀର ଯେଉଁ ମ୍ୟାଗାଜିନ୍ ବା ମୁଖପତ୍ର ବାହାରେ ସେଥିରେ ଡଃ ମାୟା ପାଢ଼ୀ ସଂପାଦିକା ଥାନ୍ତି । ମତେ ନିଜେ ଆସି 'ଆତ୍ମଜା'ର ଇଂରାଜୀ ଅନୁବାଦଟି ମାଗି ଛାପିଥିଲେ ଯାହା ମଧ୍ୟ ସର୍ବଭାରତୀୟ ସ୍ତରରେ ହଜାର ହଜାର ଡାକ୍ତରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

'ଆତ୍ମଜା' ରକ୍ତ ମାଂସର ଶରୀର ନେଇ ମୋ ସତ୍ତା ଭିତରେ ଜୀବନ୍ତ ରହିଥିବ ଚିରକାଳ ।

(କ୍ରମଶଃ)

ପୁସ୍ତକ ସମୀକ୍ଷା

ମମତାର ଧାରେ

(ଗଳ୍ପ)
ଲେଖିକା: ଶୈବାଳିନୀ ସାହୁ
ପ୍ରକାଶକ-ସ୍ୱାବଲମ୍ବନ ପ୍ରକାଶିନୀ
ବାଲିଆ, ସିଟି କ୍ଲିନିକ୍ ରୋଡ,
ବାଲେଶ୍ୱର-୧
ମୂଲ୍ୟ-୨୦୦/-

ଲୌକିକତା ଏବଂ ଲୋକତ୍ତୋର ସଂବେଦନଶୀଳତାକୁ ନେଇ ଗଳ୍ପଟିଏ ପୂର୍ଣ୍ଣତା ପାଏ। ବାସ୍ତବତାଠାରୁ ଅତି ବାସ୍ତବତା ବା ହାଇପର ରିଏଲିଟି ସେତେବେଳେ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ, ଯେତେବେଳେ ଚରିତ୍ରଟିଏ ସାମାଜିକ, ନ୍ୟାୟିକ ଏବଂ ପାରମ୍ପରିକ ରୀତିର ଉର୍ଦ୍ଧ୍ୱକୁ ଯାଇ ମାନବିକ ମୂଲ

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୨/୦୫(ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୫ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୪୫୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟା ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୬ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି କଳାହାଣ୍ଡି ଜିଲ୍ଲାରେ ୪ ଜଣ ତଥା ଗଂଜାମ ଓ ପୁରୀ ଜିଲ୍ଲାରେ ୩-୩ ଜଣ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ, ପୁରୀ ବାଲେଶ୍ୱର ଜିଲ୍ଲାରେ ୨-୨ ଜଣ ବୌଦ୍ଧ, ଗଜପତି, କୋରାପୁଟ ଓ ନୂଆପଡା ଜିଲ୍ଲାରେ ୧-୧ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି ।

ରାଜଧାନୀରେ ୨୪ ଘଂଟାରେ ୧୦୭୬ ପଜିଟିଭ୍

ଭୁବନେଶ୍ୱର,୨୨/୦୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଆଉ ୧୦୭୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୪୮ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୯୨୮ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୯୮୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ଏବଂ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୫୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଓଲ୍ଡ ଟାଉନ୍ , ପଟିଆରୁ ଓ ଖଣ୍ଡଗିରିରୁ ୪୧ ଜଣ ଲେଖାଏଁ , ଲକ୍ଷ୍ମୀସାଗରରୁ ୩୭ ଜଣ , ,ଚନ୍ଦ୍ରଶେଖରପୁରରୁ ୩୬ , ସୁନ୍ଦରପଦାରୁ ୩୪ ଜଣ ,ଡୁମଡୁମାରୁ ୩୨ ଜଣ , ବଡଗଡୁ ୩୧ ଜଣ , ୟୁନିଟ୍ ୮ରୁ ୨୫ ଜଣ , ପାତ୍ରପଡାରୁ ୨୩ ଜଣ , ୟୁନିଟ୍ ୬ରୁ ୨୨ ଜଣ, ନିଳାଦ୍ରୀବିହାରରୁ ୨୦ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୧୩ ଜଣ, ବରମୁଣ୍ଡା ଓ ରସୁଲଗଡରୁ ୭ ଜଣ ଲେଖାଏଁ, ବଡଗଡରୁ ୬ ଜଣ , ପୋଖରିପୁଟରୁ ୬ ଜଣ , ଡୁମଡୁମା , ଝାରପଡା ଓ ଖଣ୍ଡଗିରିରୁ ୫ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୭୯୫୬ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୫୪୮୬୯ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୨୭୫୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୧୦ ରହିଛି।

ବାଲେଶ୍ୱରରେ କୋଭିଡ ପରିଚାଳନା ଠିକଠାକ ଚାଲିଛି : ସିଡିଏମଓ

ବାଲେଶ୍ୱର,୨୨/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ଓଡ଼ିଶାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସଙ୍ଗିନ ସ୍ଥିତିକୁ ଯାଉଥିବା ବେଳେ ବାଲେଶ୍ୱର ଜିଲାରେ ଏହାର ପରିଚାଳନା ନେଇ ବ୍ୟାପକ ପଦକ୍ଷେପ ନିଆଯାଉଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦ୍ଦେବ ପ୍ରକାଶ କରିଛନ୍ତି। ସମ୍ପ୍ରତି ଜିଲାର ଦୈନିକ ସଂକ୍ରମଣ ହାର ୫ଶହ ଉପରେ ରହୁଥିଲେ ବି ସ୍ଥିତି ଆୟତ୍ତଧୀନ ଥିବା ସେ କହିଛନ୍ତି। ଏନେଇ ଏବେ ଜିଲାରେ କାର୍ଯ୍ୟକ୍ଷମ ଥିବା ଦୁଇଗୋଟି କୋଭିଡ ହସପିଟାଲର ଶଯ୍ୟା ସଂଖ୍ୟା ୨୦୫ ଥିବାବେଳେ ତନ୍ମଧ୍ୟରୁ ୧୬୪ ଟି ଶଯ୍ୟାରେ ଅମ୍ଳଜାନ ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଦୁଇ ହସପିଟାଲରେ ୪୧ଟି ଆଇସିୟୁ ଓ ୩୬ଟି ଭେଣ୍ଟିଲେଟରଯୁକ୍ତ ଶଯ୍ୟା ରହିଛି। ସେହିଭଳି ଜିଲାରେ କାର୍ଯ୍ୟକ୍ଷମ ୩ଟି କୋଭିଡ କେୟାର ସେଣ୍ଟରରେ ୩୨୦ଟି ଶଯ୍ୟା ରହିଥିବା ବେଳେ ସେଥିମଧ୍ୟରୁ ୮୦ଟିରେ ଅମ୍ଳଜାନ ବ୍ୟବସ୍ଥା କରାଯାଇଛି। ସମ୍ଭାବ୍ୟ ସଂକ୍ରମଣ ହାର ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟର କୋଭିଡ ହସପିଟାଲରେ ଅଧିକ ୪୦ଟି ଅମ୍ଳଜାନଯୁକ୍ତ ଶଯ୍ୟା ବୃଦ୍ଧି ପାଇଁ ପ୍ରସ୍ତୁତି ଚାଲିଛି। ଆବଶ୍ୟକ ପଡ଼ିଲେ ଆଇସିୟୁ ବେଡ ସଂଖ୍ୟା ମଧ୍ୟ ମଧ୍ୟ ବଢ଼ାଇ ଦିଆଯିବ ସେ କହିଛନ୍ତି। ଏଥି ସହିତ ଜିଲାର ସୋର, ନୀଳଗିରି, ଜଳେଶ୍ୱର, ଭୋଗରାଇ ସମେତ ବାଲେଶ୍ୱରର ନୋସି ବିଜିନେସ ପାର୍କରେ ପ୍ରସ୍ତୁତ କରାଯାଇଥିବା କୋଭିଡ କେୟାର ସେଣ୍ଟର ବ୍ୟବହାର କରାଯିବ ବୋଲି ଡାକ୍ତର ଜଗଦେବ କହିଥିଲେ। ସଂକ୍ରମଣର ସ୍ଥିତିକୁ ଦେଖି ଜିଲାରେ ଟେଷ୍ଟ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ସମ୍ପ୍ରତି ଦୈନିକ ହଜାରେ ପର୍ଯ୍ୟନ୍ତ ଆରଟିପିସିଆର ଓ ୨ହଜାର ୫ଶହ ଆଣ୍ଟିଜେନ ପରୀକ୍ଷା କରାଯାଉଛି। ଆଗାମୀ ଦିନରେ ସଂକ୍ରମଣ ହାର ବୃଦ୍ଧି ପାଇବା ନେଇ ଆଶଙ୍କା ରହିଥିବା ବେଳେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ ପ୍ରଶାସନର କୋଭିଡ ନିୟମ ପାଳନ ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବାଲେଶ୍ୱର ଜିଲାରେ କୋଭିଡ ସକ୍ରମଣ ସ୍ଥିତି ଦିନକୁ ଦିନ ସଙ୍ଗିନ ହେଉଥିବା ବେଳେ ଅତି ଆବଶ୍ୟକ ନପଡ଼ିଲେ କହେ ଘରୁ ବାହାରନ୍ତୁ ନାହିଁ ବୋଲି ସେ କହିଥିଲେ।

ଏକାଦଶାହରେ ଦିବଂଗତ ଆଇସିଡିଏସ ସୁପରଭାଇଜରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୨୨/୦୫ (ନି.ପ୍ର): ଅଙ୍ଗନୱାଡ଼ି ସୁପରଭାଇଜର ସ୍ୱର୍ଗତ ଉଷାଞ୍ଜଳି ଜେନାଙ୍କ ଏକାଦଶାହ ଅବସରରେ ଗୋଡ଼ିପଦାସ୍ଥିତ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପ୍ରଫେସର ଶତ୍ରୁଘ୍ନ ମଲିକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ପୂର୍ବତନ ସରପଞ୍ଚ ବିଧାନ ଚନ୍ଦ୍ର ରାୟଙ୍କ ସମେତ ଶ୍ୟାମସୁନ୍ଦର ଜେନା, ସର୍ବେଶ୍ୱର ପଣ୍ଡା, ବାଇଧର ସିଂ, ବିଶ୍ୱଦର୍ଶନୀ ଜେନା ପ୍ରମୁଖ ସ୍ୱର୍ଗତ ଉଷାଞ୍ଜଳି ଜଣେ କର୍ତ୍ତବ୍ୟ ପରାୟଣା ଓ ଆଦର୍ଶ କର୍ମଚାରୀ ଭାବେ ସମସ୍ତଙ୍କର ପ୍ରିୟଭାଜନ ଥିଲେ ବୋଲି ମତବ୍ୟକ୍ତ କରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ। ପରିବାର ତର ଫରୁ ଜୟକୃଷ୍ଣ ଜେନା, ଅନନ୍ତ ଜେନା, ତାରିଣୀ ଜେନା, ରସିକ ମୋହନ ପଟ୍ଟନାୟକ, ସୃଷ୍ଟିଧର ଜେନା, ତପନ ଜେନା, ଜ୍ୟୋତ୍ସ୍ନାରାଣୀ ଜେନା ଓ ପୂର୍ବତନ କାଉନ୍‌ସିଲର୍ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତା ଉଷାଞ୍ଜଳିଙ୍କ ସାନଭାଇ ସମାଜସେବୀ ଅରୁଣ ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

ଓଡ଼ିଶାରେ କୋଭିଡ ମୁକାବିଲା ପାଇଁ ପାୱାରଗ୍ରିଡର ପଦକ୍ଷେପ

ଭୁବନେଶ୍ୱର,୨୨/୦୫(ନି.ପ୍ର): ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅନ୍ତର୍ଗତ ଏକ ମହାରତ୍ନ କମ୍ପାନୀ ପାୱାର ଗ୍ରିଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ (ପାୱାରଗ୍ରିଡ)ପକ୍ଷରୁ ସାରା ଦେଶରେ ଥିବା ଏହାର କାର ?ୟାଳୟର କର୍ମଚାରୀ ଓ ଶ୍ରମିକମାନଙ୍କୁ ଠିକଣା ସମୟରେ ସହାୟତା ଯୋଗାଇ ଦେବା ଲାଗି ସକ୍ରିୟତାପୂର୍ବକ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରାଉରକେଲା ସବଷ୍ଟେସନ ପ୍ରକଳ୍ପ କ୍ୟାମ୍ପସକୁ ୧୦୦% କୋଭିଡ-୧୯ ମୁକ୍ତ ରଖିବା ଲାଗି କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ଅଧିକ ବୃଦ୍ଧିକୁ ପ୍ରତିହତ କରିବା ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯାଇଛି। ୧୯ ମେ, ୨୦୨୧ରେ ସବଷ୍ଟେସନର କର୍ମଚାରୀ, ଶ୍ରମିକ ଓ ରାଉରକେଲା ସବଷ୍ଟେସନ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏକ ରାପିଡ୍ ଆଣ୍ଟିଜେନ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ସେହିପରି ଅନୁଗୁଳ ସବଷ୍ଟେସନ ଠାରେ ଏକ ଗଣ ଟିକାକରଣ ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରେ କର୍ମଚାରୀ, ପରିବାର ସଦସ୍ୟ, ଏଏମସି ଫିଟର, ଡ୍ରାଇଭର ଆଦିଙ୍କ ସମେତ ପ୍ରାୟ ଶତାଧିକ ଲୋକଙ୍କ ଟିକାକରଣ କରାଯାଇଥିଲା। ସେହିପରି ବାରିପଦା, କଣିହାଁ ଓ ବଲାଙ୍ଗିର ସବଷ୍ଟେସନରେ ମଧ୍ୟ ଏପରି ଶିବିର ଆୟୋଜନ କରାଯାଇଥିଲା।

ଆନ୍ଧ୍ର ନିର୍ବାଚନ ଅସିଦ୍ଧ ପରେ ଓଡ଼ିଶା ପାଇଁ ଏକ ସୁଯୋଗ ମିଳିଛି

ଭୁବନେଶ୍ୱର,୨୨/୦୫ (ନି.ପ୍ର): କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଂଜ ସହିତ ଆନ୍ଧ୍ରପ୍ରଦେଶରେ ହୋଇଥିବା ପଂଚାୟତ ନିର୍ବାଚନକୁ ଆନ୍ଧ୍ର ହାଇକୋର୍ଟ ରଦ୍ଦ କରିଦେବା ପରେ ଏଥିରେ ଓଡ଼ିଶାର ବିଜୟ ହେଲା ବୋଲି ଭାବିବା ଉଚିତ୍ ନୁହେଁ। ବରଂ ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରି କୋଟିଆ ଅଂଚଳରେ ଆନ୍ଧ୍ର ସରକାର ପକ୍ଷରୁ ହେବାକୁ ଥିବା ନିର୍ବାଚନକୁ ପ୍ରତିରୋଧ କରିବା ପାଇଁ ସମସ୍ତ ଓଡ଼ିଆ ପ୍ରସ୍ତୁତ ହୋଇ ରହିବା ଉଚିତ୍। ଏହା ଭିତରେ ଓଡ଼ିଶା ସରକାରଙ୍କୁ ସମୟ ମିଳିଥିବାରୁ ସରକାର ସୁପ୍ରିମକୋର୍ଟରୁ ସ୍ଥଗିତାଦେଶ ଆଣିବା ପାଇଁ ଚେଷ୍ଟା କରିବା ସହିତ ସୀମା ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେହିଭଳି ଓଡ଼ିଶା ବାହାରେ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦବିରେ ଥିବା ଓଡ଼ିଆମାନଙ୍କ ସହିତ ଓଡ଼ିଆ ସାଂସଦମାନେ ଏକହୋଇ ସୀମା ସୁରକ୍ଷା ପରିଷଦ ଗଠନ କରି କୋଟିଆ ସମସ୍ୟା ସମାଧାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବାକୁ ଉତ୍କଳ ସମ୍ମିଳନୀ ଆହ୍ୱାନ କରିଛି।

'ୟସ' ମହାବାତ୍ୟାକୁ ମୁକାବିଲା ପାଇଁ ନୀଳଗିରିରେ ପହଞ୍ଚିଲା ପଲିଥିନ ଟ୍ରକ

ନୀଳଗିରି,୨୨/୦୫ (ନି.ପ୍ର): 'ୟସ' ମହାବାତ୍ୟା ଭୟଙ୍କର ରୂପ ନେଇ ଆସୁଥିବା ବେଳେ ଉତ୍ତର ଓଡ଼ିଶାରେ ଏହାର ପ୍ରଭାବ ପଡ଼ିବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାବାତ୍ୟାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି । ଏଥିପାଇଁ ରାଜ୍ୟ ସରକାର ପଲିଥିନ, ଚୁଡ଼ା, ଗୁଡ଼, ମହଜୁତ ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରିଥିବା ବେଳେ ଆଜି ଏକ ଟ୍ରକ ପଲିଥିନ ନୀଳଗିରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଛି । ୧୦୦ ବଣ୍ଡଲ ପଲିଥିନରେ ୫୦୦ ପିସ୍ ପଲିଥିନ୍ ଆସିଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ଏକ ଟ୍ରକ ଭର୍ତ୍ତି ପଲିଥିନ ପହଞ୍ଚିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ ଚୂଡ଼ା, ଗୁଡ଼, ଖୁବଶୀଘ୍ର ଆସିବ ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଏତଦ୍‌ବ୍ୟତୀତ କୋଭିଡ୍ ରୋଗୀଙ୍କ ପାଇଁ ବଣଭୂଇଁ ଆଶ୍ରମ ରେ ଟି.ଏମ.ସି. କରାଯାଇଥିବା ବେଳେ ବାତ୍ୟା ପ୍ରଭାବିତ ସ୍ଥାନମାନଙ୍କର ଲୋକମାନଙ୍କୁ ପାଖ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଓ ବାତ୍ୟା ଆଶ୍ରୟସ୍ଥଳୀ ରେ ରଖାଯିବାର ବ୍ୟବସ୍ଥା କରାଯାଇଛି । ବାତ୍ୟା ସମୟରେ ପାନୀୟ ଜଳ ର ବ୍ୟବସ୍ଥା ଓ କରୋନା ରୋଗୀମାନଙ୍କ ପାଇଁ କୋଭିଡ୍ ମେଡ଼ିସିନ ମହଜୁଦ ରଖାଯାଇଛି । ଗର୍ଭବତି ମହିଳା ଓ ଦିବ୍ୟାଙ୍ଗମାନଙ୍କ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ନିକଟସ୍ଥ ସି.ଏସ.ସି. ସେଣ୍ଟର ଓ ମେଡିକାଲ ରେ ବ୍ୟବସ୍ଥା କରାଯାଇଛି । ମୋଟାମୋଟି 'ୟସ' ମହାବାତ୍ୟାକୁ ମୁକାବିଲା କରିବା ପାଇଁ ନୀଳଗିରି ପ୍ରଶାସନ ପ୍ରସ୍ତୁତ ବୋଲି ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି । ଏହି ମହାବାତ୍ୟାରେ ସୋନ ନଦୀ ଉପକୂଳବର୍ତ୍ତି ଗାଁ ଯଥା- ବଇଁଷ ନରଣପୁର, ନରସିଂହପୁର, କୁହ୍ଲାପାଳ, ବାଡ଼ିଆ, କରଞ୍ଜିଆ, କାଠପାଳ, ପୁନ୍ଦାଳ, ସଂସାପାଳ,ବେଗୁନିଆ ପ୍ରମୁଖ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଅଛି ।

ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର,୨୨/୦୫ (ନି.ପ୍ର): ସମ୍ପ୍ରତି ଉତର ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଆଗାମୀ ମଇ ୨୫ ଓ ୨୬ ତାରିଖ ବେଳକୁ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥଙ୍କ ଉପସ୍ଥିତିରେ ବିଭାଗ ତରଫରୁ କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ଆଜି ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଭର୍ଚୁଆଲ ବ୍ୟବସ୍ଥାରେ ଅନୁଷ୍ଠିତ ଏହି ବୈଠକରେ ସମ୍ଭାବ୍ୟ ବାତ୍ୟାରେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଉପକୂଳବର୍ତ୍ତୀ ଜିଲ୍ଲା ଯଥା ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବିଭାଗୀୟ ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଛି। ବୈଠକରେ ମୁଖ୍ୟ ଯନ୍ତ୍ରୀ ବନ୍ୟା ନିୟନ୍ତ୍ରଣ, ମୁଖ୍ୟ ଯନ୍ତ୍ରୀ- ଡ୍ରେନେଜ, ସମ୍ପୃକ୍ତ ଜିଲ୍ଲା ନଦୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜର, ଅଧିକ୍ଷଣ ଯନ୍ତ୍ରୀ ଏବଂ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଡ୍ରେନେଜ ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କ ସହିତ ସିଧାସଳଖ ଆଲୋଚନା କରାଯାଇ ସେମାନେ ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ କିପରି ପ୍ରସ୍ତୁତି କରିଛନ୍ତି, ସେ ସମ୍ପର୍କରେ ଅବଗତ ହୋଇଥିଲେ। କୌଣସି ପରିସ୍ଥିତିରେ ମଧ୍ୟ ବିଭାଗୀୟ ପ୍ରସ୍ତୁତିରେ ଅବହେଳା ନକରିବାକୁ ପ୍ରମୁଖ ଶାସନ ସଚିବ ଏହି ପରିପ୍ରେକ୍ଷୀର ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପ୍ରକାଶଥାଉକି ୨ଦିନ ପୂର୍ବେ ପ୍ରମୁଖ ଶାସନ ସଚିବ ସମ୍ପୃକ୍ତ ସମସ୍ତ ମୁଖ୍ୟଯନ୍ତ୍ରୀମାନଙ୍କୁ ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ ପ୍ରସ୍ତୁତି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ପହଂଚିବା ନେଇ ସଠିକ୍ ସମୟ ଆକଳନ କରାଯାଇ ନଥିଲେ ମଧ୍ୟ ଆଜି ଠାରୁ ବିଭାଗୀୟ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି। ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ(ସେଚ ସଦନ), ସମସ୍ତ ଜିଲ୍ଲାରେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏହା ମଧ୍ୟ ସର୍କଲ ସ୍ତରରେ ଓ ଡିଭିଜନ ସ୍ତରରେ କାର୍ଯ୍ୟ କରିବ। ଏହି ନିୟନ୍ତ୍ରଣ କକ୍ଷଗୁଡ଼ିକ ମଧ୍ୟ ଆଗାମୀ ଅକ୍ଟୋବର ମାସ ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ପୂର୍ତ ବିଭାଗ ଏବଂ ଗ୍ରାମ ଉନ୍ନୟନ ବିଭାଗଙ୍କ ସର୍ବୋଚ୍ଚ ଯନ୍ତ୍ରୀଙ୍କ ବନ୍ୟା ନିୟନ୍ତ୍ରଣ କକ୍ଷ ସହିତ ଏହି ଟେଲିଫୋନ୍ ନମ୍ବର ଯୋଗାଯୋଗ ରଖି କାର୍ଯ୍ୟ କରିବ। କ୍ଷେତ୍ର ସ୍ତରରେ ଥିବା କନିଷ୍ଠ ଯନ୍ତ୍ରୀ, ସହକାରୀ ନିର୍ବାହୀଯନ୍ତ୍ରୀମାନଙ୍କୁ ଏକ ପକେଟ୍ ଡାଏରୀ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ କି ସେମାନେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ଠାରୁ ଆରମ୍ଭ କରି ସମସ୍ତ ଯନ୍ତ୍ରୀ, ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ସ୍ଥାନୀୟ ସରପଂଚଙ୍କ ନମ୍ବର ରଖିବେ। ବିଭାଗୀୟ କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନେ ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ଜିଲ୍ଲାପାଳ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଯୋଗାଯୋଗରେ ରହି କାର୍ଯ୍ୟ କରିବେ ଓ ଆବଶ୍ୟକ ପ୍ରସ୍ତୁତି କରିବେ। ସେହିପରି ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଟେଲିଫୋନ୍ ଡିରେକ୍ଟୋରୀ ରହିବ ଏବଂ ସେଥିରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳଙ୍କ ସହିତ ନମ୍ବର ଉପଲବ୍ଧ ହେବ। ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ ବିଭିନ୍ନ ଜିଲ୍ଲାରେ ରହିଥିବା ମାନବ ସମ୍ବଳ ଓ ମେସିନ୍ ଥିବା ସ୍ଥାନୀୟ କଂଟ୍ରାକ୍ଟରମାନଙ୍କ ଟେଲିଫୋନ୍ ନମ୍ବର ସମ୍ପୂର୍ଣ୍ଣ ତଥ୍ୟ ସହ ତୁରନ୍ତ ବିଭାଗକୁ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ଅଭ୍ୟାସ ଦୃଷ୍ଟିରୁ ଓଡ଼ିଶା କନ୍‌ଷ୍ଟ୍ରକ

ବାଲେଶ୍ୱର, ରବିବାର, ୨୩ ମଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୧୧୧୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୨/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୧୦୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୭୯୫୩୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୫୬୭୩୮୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୯୬୩୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୧୦୮ ଜଣଙ୍କ ମଧ୍ୟରୁ ୬୨୧୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୮୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୪୫୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୮୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୦୯ ଜଣ, ବରଗଡ଼ରୁ ୩୩୯ ଜଣ, ଭଦ୍ରକରୁ ୪୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୭୩, କଟକରୁ ୯୪୪ ଜଣ, ଦେବଗଡ ଜିଲ୍ଲାରୁ ୧୨୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୩୧ ଜଣ, ଗଜପତି ଜିଲ୍ଲାରୁ ୧୫୭ , ଗଞ୍ଜାମରୁ ୨୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୧୮ ଜଣ, ଯାଜପୁରରୁ ୩୯୬ ଜଣ, ଝାରସୁଗୁଡ଼ାରୁ ୧୧୩ ଜଣ, କଳାହାଣ୍ଡିରୁ ୩୯ ଜଣ, କନ୍ଧମାଳ ଜିଲ୍ଲାରୁ ୧୩୨ ଜଣ. କେନ୍ଦ୍ରାପଡ଼ାରୁ ୧୫୦ ଜଣ, କେନ୍ଦୁଝରରୁ ୧୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୪୫୧ ଜଣ, କୋରାପୁଟରୁ ୨୫୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ବାଲେଶ୍ୱରରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପ୍ରସ୍ତୁତି

ଉପକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ

ବାଲେଶ୍ୱର,୨୨/୦୫ (ନି.ପ୍ର): ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଉତ୍ତର ଓଡ଼ିଶା ଉପକୂଳ ଆଡ଼କୁ ମୁହାଉଁଥିବା ସାମୁଦ୍ରିକ ବାତ୍ୟାର 'ୟସ' ମୁକାବିଲା ପାଇଁ ବାଲେଶ୍ୱର ଜିଲା ପ୍ରଶାସନ ଜରୁରୀ ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା ସହ ବାତ୍ୟା ପୂର୍ବର ପ୍ରସ୍ତୁତି, ବାତ୍ୟା ସମୟରେ ସତର୍କତା ଭିତ୍ତିକ ବିଭିନ୍ନ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଜିଲାରେ ବାତ୍ୟା ଜନିତ ମୃତ୍ୟୁ ସଂଖ୍ୟା ଶୂନ ରଖିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଉପକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳର ବାସିନ୍ଦାଙ୍କ ସମେତ ଦିବ୍ୟାଙ୍ଗ, ପାରାଲିସିସ ରୋଗୀ, ଆସନ୍ନପ୍ରସବାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସମ୍ପର୍କରେ ଜିଲାପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥି ସହିତ କୋଭିଡ ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ୭ଦିନ ପାଇଁ ଆବଶ୍ୟକ ଔଷଧ ମହଜୁଦ, ଆମ୍ବୁଲାନ୍ସ, ଅକ୍ସିଜେନ ସିଲିଣ୍ଡର ପ୍ରସ୍ତୁତ ରଖିବା ସହିତ ବିଡିଓମାନଙ୍କୁ ୨ହଜାର ଲେଖାଏଁ ମାସ୍କ ପ୍ରଦାନ ପାଇଁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ଚୁଡା, ଗୁଡ,ଚାଉଳ, ମାଗଣା ରନ୍ଧା ଖାଦ୍ୟ ପ୍ରଭୃତି ବ୍ୟବସ୍ଥା ସହ ଆବଶ୍ୟକ ଇନ୍ଧନ ମହଜୁଦ ନେଇ ଜିଲା ଯୋଗାଣ ଅଧିକାରୀ ଏହି ବୈଠକରେ ସୂଚନା ଦେଇଥିଲେ । ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀ ସମେତ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ବିଶୋଧନ କରାଯିବା ସହ ସେଠାରେ ଲଇଟ ଓ ପାନୀୟଜଳର ବିକଳ୍ପ ବ୍ୟବସ୍ଥା କରିବା ସମ୍ପର୍କରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବିଦ୍ୟୁତ ବିଭାଗକୁ ଟିମ ପ୍ରସ୍ତୁତ କରି ଉପକୂଳ ଅଂଚଳରେ ଆଗୁଆ ମୁତୟନ କରାଯିବା ସହିତ ଯଥେଷ୍ଟ ପୂର୍ବରୁ ଆବଶ୍ୟକ ଥିବା ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫର୍ମର, କେବୁଲ ଆଦି ସମ୍ପୃକ୍ତ ବିଭିନ୍ନ ସ୍ଥାନରେ ମହଜୁଦ ରଖିବାକୁ କୁହାଯାଇଛି । ବାତ୍ୟା ପରେ ରାସ୍ତା ସଫେଇ ପାଇଁ ଯନ୍ତ୍ର ଚାଳିତ କରତ ସହ ପୂର୍ତ୍ତ ଓ ବନବିଭାଗ ଦ୍ୱାରା ଗଠନ କରାଯାଇଥିବା ଦଳମାନଙ୍କ ସମ୍ବନ୍ଧରେ ବି ସମୀକ୍ଷା କରାଯାଇଥିଲା । ମହଜୁଦ ଥିବା ପଲିଥିନ ରାଜସ୍ୱ ନିରୀକ୍ଷକ(ଆର.ଆଇ.)ଙ୍କ ନିକଟକୁ ପଠାଇଦେବା ପାଇଁ କୁହାଯାଇଥିଲା । ସମ୍ଭାବ୍ୟ ବାତ୍ୟା ପାଇଁ ୩ଟି ଓଡ୍ରାଫ ଟିମ ପ୍ରସ୍ତୁତ ରହିବା ସହ ଅତିରିକ୍ତ ଓଡ୍ରାଫ ଓ ଏନଡିଆରଏଫ ଟିମ ଆସି ପହଞ୍ଚିବା ନେଇ ସୂଚନା ଦିଆଯାଇଥିଲା । ବିଏସଏନଲର କାର୍ଯ୍ୟକାରୀ ଥିବା ୧୪୪ ଟାୱାରରେ ୧୪୪ ଜେନରେଟର ଥିବାରୁ ଲାଇନ କଟିଲେ ବି ଅସୁବିଧା ଉପୁଜିବ ନାହିଁ ବୋଲି ସୂଚନା ଦିଆଯାଇଥିଲା । ବାତ୍ୟା ପରେ କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଉପ-ଜିଲାପାଳଙ୍କୁ ଜିଲାପାଳ ଦାୟିତ୍ୱ ପ୍ରଦାନ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପ-ଜିଲ୍ଲାପାଳ ହରିଶ ଚନ୍ଦ୍ର ଜେନା, ପ୍ରୋବେସନର ଆଇ.ଏ.ଏସ. କୁନାଲ ଚୌହାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପେଷାଦାର ଚୋର ଗିରଫ : ଗୋଟିଏ ଲାପଟପ୍, ୬ଟି ମୋବାଇଲ ଏବଂ ନଗଦ ଟଙ୍କା ଜବଦ



ବାରିପଦା,୨୨/୦୫ (ନି.ପ୍ର): ବାରିପଦା ଟାଉନ ଥାନା ପକ୍ଷରୁ ଚୋରୀ ଅଭିଯୋଗର ମାତ୍ର ୨୪ ଘଂଟା ମଧରେ ଜଣେ ପେଶାଦାର ଚୋରକୁ ଚିହ୍ନଟ କରି ଗିରଫ କରିବା ସହିତ ତା ନିକଟରୁ ଚୋରୀ ହୋଇଥିବା ଗୋଟିଏ ଲାପଟପ୍, ୬ଟି ମୋବାଇଲ୍ ଫୋନ୍, ନଗଦ ୧ହଜାର ଟଙ୍କା ମଧ୍ୟ ଜବଦ ଜବତ କରି ଥିବାର ଜଣାଯାଇଛି । ସୂଚନା ମୁତାବକ ବାରିପଦା ଟାଉନ ଥାନାରେ ହୋଇଥିବା ଚୋରୀ କେସ ନମ୍ବର ୪୪୭ ତା ୧୦/୫/୨୧, କେସନଂ- ୪୮୨ ତା ୧୯/୫/୨୧ ଓ କେସନଂ ୩୯୧ ତା ୨୦/୫/୨୧ ରିଖ ମୂଳେ ହୋଇ ଥିବା ଚୋରୀ ଅଭିଯୋଗର ବାରିପଦା ଟାଉନଥାନା ପୋଲିସ ତଦନ୍ତ କରୁଥିବା ବେଳେ, ଚୋରକୁ ଧରିବା ପାଇଁ ପୋଲିସ ଜାଲ ବିଛାଇଥିଲା । ତେବେ ଶେଷ ଅଭିଯୋଗ ହେବାର ୨୪ ଘଂଟା ନପରୁଣୁ ପୋଲିସକୁ ମିଳିଛି ଏକ ବଡ ସଫଳତା । ଉକ୍ତ ୩ଟି ଯାକ ମାମଲାରେ ସଂପୃକ୍ତ ଥିବା ପେଶାଦାର ଚୋର ବାରିପଦା କାଳିକାପୁର ଅଂଚଳର ବାଦଲ ମୁଖି (୨୨) ପି- ଭୁକୁଲୁ ମୁଖିକୁ ପୋଲିସ ଠାବ କରି ଗିରଫ କରିବା ସହିତ ଉକ୍ତ ୩ଟି ଚୋରୀ ଘଟଣାରେ ଚୋରି ହୋଇଥିବା ସମସ୍ତ ଜିନିଷ ପୋଲିସ ତାଠାରୁ ଜବଦ କରିବା ସହିତ ଏକ ହଜାର ନଗଦ ଟଙ୍କା ମଧ୍ୟ ଜବଦ କରିଥିବାର ଜଣାଯାଇଛି । ଏବଂ ବାଦଲ ଜଣେ ପେଶାଦାର ଚୋର ତାନାମରେ ବାରିପଦା ଟାଉନ ଥାନାରେ ପୂର୍ବରୁ ମଧ୍ୟ ୨୨ଟି ଚୋରୀ ମାରପିଟ, ବେଆଇନ ଅସ୍ତ୍ରଶସ୍ତ୍ର ରଖିଆ ଆଦି ଗୁରୁତର ମାମଲା ରହିଥିବାର ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ସୂଚନା ଦେଇଛନ୍ତି ।

ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନରୁ ସାବାଡ଼ ଅମାନିଆ

ବାଲେଶ୍ୱର,୨୨/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ବୃଦ୍ଧି ପାଇଚାଲିଥିବା କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ସମଗ୍ର ଓଡ଼ିଶାରେ ଗତ ଏପ୍ରିଲ ମାସ ତୃତୀୟ ସପ୍ତାହରୁ ଜାରି ରହିଛି ସାପ୍ତାହାନ୍ତ ଦୁଇଦିନିଆ ବନ୍ଦ। ସପ୍ତାହର ପାଞ୍ଚଦିନ ତାଲାବନ୍ଦରେ ବିତୁଥିବା ବେଳେ ବାକି ୨ ଦିନର ବନ୍ଦ ପ୍ରତ୍ୟେକ ଜିଲାରେ କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ଶନିବାର ଥିଲା ପଞ୍ଚମ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିବସ। ଏହି ୪୮ ଘଣ୍ଟିଆ ବନ୍ଦରେ ବାଲେଶ୍ୱର ସହର ସମେତ ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ ଔଷଧ ଦୋକାନ ବ୍ୟତୀତ ଅନ୍ୟ କୌଣସି ଦୋକାନ ଖୋଲି ନଥିବା ଲକ୍ଷ୍ୟ କରାଯାଇଥିଲା। ବାଲେଶ୍ୱର ସମେତ ଜିଲାର ନୀଳଗିରି, ସୋର ଓ ଜଳେଶ୍ୱର ପ୍ରଭୃତି ସହରାଞ୍ଚଳ ଓ ଏହାର ଆଖପାଖ ପଞ୍ଚାୟତମାନଙ୍କରେ ଏହି ବନ୍ଦ ବିଶେଷ ପ୍ରତିଫଳିତ ହୋଇଥିବା ଦେଖିବାକୁ ମିଳିଛି । ଏହି କ୍ରମରେ ବାଲେଶ୍ୱର ସହର ଉପକଣ୍ଠ ଫୁଲାଡି, ନଗ୍ରମ, ରଣସାହି ପଂଚାୟତର ତପସୀ, ସାରଗାଁ ପଞ୍ଚାୟତର ସୁନ୍ଦରୀ, ପୁରୁଣା ବାଲେଶ୍ୱର, ପାତ୍ରପଡ଼ା ଓ ଗବଗାଁ, ରେମୁଣା ଗୋଲେଇ ସହ ରେମୁଣା ପଞ୍ଚାୟତ, ଗନିପୁର, ଶ୍ରୀକୃଷ୍ଣପୁର, କୁରୁଡା, ବାଲିଆ, ସରସ୍ୱତୀପୁର, ଭୀମପୁରା, ଗଣେଶ୍ୱରପୁର, କରଞ୍ଜିଆ, ହରିପୁର ପ୍ରଭୃତି ପଞ୍ଚାୟତରେ ସପ୍ତାହାନ୍ତ ବନ୍ଦ କଟକଣାକୁ ଲୋକେ ଗୁରୁତ୍ୱର ସହ ପାଳନ କରୁଛନ୍ତି। ତେବେ ଏହି ବନ୍ଦରେ ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ମେଡିକାଲ କର୍ମଚାରୀ, ହସପିଟାଲକୁ ଯାଉଥିବା ରୋଗୀ, ବିଦ୍ୟୁତ, ପାଣି ଯୋଗାଣ, ଟେଲିକମ୍ୟୁନିକେସନ ଓ ସଫେଇ କର୍ମଚାରୀ, ଔଷଧ ଦୋକାନ, ଶିଳ୍ପାନୁଷ୍ଠାନ କର୍ମଚାରୀ, ପେଟ୍ରୋଲ ପମ୍ପ, ସାଧାରଣ ପରିବହନ ଓ ଗଣମାଧ୍ୟମକୁ ଏହି କଟକଣାରୁ ମୁକ୍ତ କରାଯାଇଛି। ବାଲେଶ୍ୱର ସହରର ବଜାର ସମ୍ପୂର୍ଣ୍ଣ ଫାଙ୍କା ଫାଙ୍କା ଲାଗୁଥିବା ବେଳେ ଅତି ଆବଶ୍ୟକତା ଦୃଷ୍ଟିରୁ ଜରୁରୀକାଳୀନ ସେବା ପାଇଁ ଲୋକେ କାଁ ଭାଁ ମେଡିକାଲ ପ୍ରଭୃତିକୁ ଯାଉଥିବା ପରିଲକ୍ଷିତ ହୋଇଛି। ତେବେ ବାଲେଶ୍ୱରରେ ଏହି ବନ୍ଦକୁ ଶତ ପ୍ରତିଶତ ପାଳନ ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିବା ଲକ୍ଷ୍ୟ କରାଯାଇଛି। ସହର ସମେତ ଆଖପାଖ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ପଇଁତିରା ମାରିବା ସହ ପରିସ୍ଥିତି ଉପରେ ନଜର ରଖିଥିଲା। ଏଥି ସହିତ ସହରର ପ୍ରତ୍ୟେକ ଛକରେ ନିଯୁକ୍ତ ପୁଲିସ କର୍ମଚାରୀମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଯାଞ୍ଚ କରୁଛନ୍ତି। ମୋଟ ଉପରେ ବାଲେଶ୍ୱରେ ପଞ୍ଚମ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିନ ବେଶ ସଫଳ ପାଳିତ ହୋଇଥିବା ଦେଖିବାକୁ ମିଳିଛି।

ଭିନ୍ନକ୍ଷମଙ୍କ ଘରେ ପହଂଚି କୋଭିଡ୍ ପରୀକ୍ଷା କରିବ ବିଏମସି

ଭୁବନେଶ୍ୱର,୨୨/୦୫ (ନି.ପ୍ର): ଭିନ୍ନକ୍ଷମ ବ୍ୟକ୍ତିଙ୍କ କରୋନା ଟେଷ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି ଭୁବନେଶ୍ୱର ମହାନଗର ନଗମ(ବିଏମ୍‌ସି)। ବୟସ୍କ ଓ ଗର୍ଭବତୀଙ୍କ ପରି ଚାଲିପାରୁନଥିବା ଭିନ୍ନକ୍ଷମମାନେ କରୋନା ଟେଷ୍ଟ କରିବାକୁ ଚାହିଁଲେ ୧୯୨୯ରେ ଫୋନ୍ କରିବେ। ତା'ପରେ ବିଏମ୍‌ସିର ମେଡିକାଲ୍ ଟିମ୍ ଘରକୁ ଯାଇ ନମୂନା ସଂଗ୍ରହ କରିବେ। ଏନେଇ ବିଏମ୍‌ସି କମିଶନର ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ଆସନ୍ତା କାଲିଠାରୁ ଭିନ୍ନକ୍ଷମଙ୍କୁ ନିଜ ଘରେ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି କମିଶନର କହିଛନ୍ତି। କମିଶନର ଆହୁରି କହିଛନ୍ତି ରାଜଧାନୀରେ ବିଭିନ୍ନ ହାଉସିଂ ସୋଶାଇଟିକୁ ସୁରକ୍ଷିତ ରଖିବାର ବ୍ୟବସ୍ଥା କରାଯାଉଛି। ସେଥିପାଇଁ ମାସ୍ ଟେଷ୍ଟିଂ କରାଯାଉଛି। ଯଦି କୌଣସି ହାଉସିଂ ସୋଶାଇଟି ମାସ୍ ଟେଷ୍ଟିଂ କରିବାକୁ ଚାହୁଁଛନ୍ତି, ତାହାହେଲେ ସେମାନେ ଜୋନାଲ୍ ଡେପୁଟି କମିଶନରଙ୍କୁ ସୂଚନା ଦେଇପାରିବେ କିମ୍ବା ୧୯୨୯ରେ ଫୋନ୍ କରିପାରିବେ। ଏହା ପରେ ମାସ୍ ଟେଷ୍ଟିଂ କରାଯିବ।

ବିପଦର ବନ୍ଧୁ ଆର୍ଯ୍ୟ ସେବା ସଂଘ

ବାଲେଶ୍ୱର,୨୨/୦୫ (ନି.ପ୍ର): କରୋନା ଆଗରେ ଧନୀ ଓ ଗରିବ ବାଛବିଚାର ନାହିଁ ସତ ମାତ୍ର ଜଣେ ଅସହାୟ, ଦୁଃଖି, ଦରିଦ୍ର କୁ କରୋନା ଯେତିକି କଷ୍ଟ ନଦେଉଛି ତାଠାରୁ ଅଧିକ କଷ୍ଟ ଦେଉଛି ଭୋକ। ତେଣୁ ଏଭଳି ପରିସ୍ଥିତିରେ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଘଠନ 'ଆର୍ଯ୍ୟ ସେବା ସଂଘ'ପକ୍ଷରୁ ଭୋକିଲା ମୁହଁରେ ଗଣ୍ଡେ ଦାନା ଦେବା ର ପ୍ରୟାସ କରାଯାଇଅଛି । କରୋନା କାଳରେ ବାଲେଶ୍ୱର ସଦର ଅଞ୍ଚଳର ବିଭିନ୍ନ ସ୍ଥାନରେ ଖାଦ୍ୟର ଅସୁବିଧାକୁ ଦେଖି ଆଜି ବାଲେଶ୍ୱର ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ, ରେମୁଣା ଗୋଲେଇ ଠାରେ 'ଆର୍ଯ୍ୟ ସେବା ସଂଘ' ଗରିବ,ଅସହାୟ ଲୋକକୁଂ ରନ୍ଧାଖାଦ୍ୟ ବଣ୍ଟନ କରିବା ସହ ବୁଲା ଗାଇଗରୁ ଓ ବୁଲାକୁକୁର କୁ ଖାଦ୍ୟ ବଣ୍ଟନ କରିଥିଲେ । ସଙ୍ଗଠନର ଏଭଳି କାର୍ଯ୍ୟଦେଖି ବିଭିନ୍ନ ମହଲରୁ 'ଆର୍ଯ୍ୟ ସେବା ସଂଘ' ପ୍ରତି ପ୍ରସଂଶା ର ସୁଅ ଛୁଟିଛି। ପ୍ରତି ସଟଡାଉନରେ ଆର୍ଯ୍ୟ ସେବା ସଂଘ ତରଫରୁ ଖାଦ୍ୟ ବଣ୍ଟନର କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଙ୍ଗଠନର ସଭାପତି ଶ୍ରୀ ଗଣେଶ କୁମାର ପାଢ଼ୀ ଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଦୃଢ଼ ନିଷ୍ପତି ନେଇଛନ୍ତି। ଆଜିର ଅନ୍ନ ବ୍ୟବସ୍ଥା ରୂପସା ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ସାହୁ ଙ୍କ ତରଫରୁ ହେଇଥିଲା। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବିଜୟ ଜି, ଅନନ୍ତ କୁମାର ସାହୁ, ଶାଶ୍ୱତ କୁମାର ସାହୁ, ଶିବବ୍ରତ ସାହୁ, ଶରତ ସେନାପତି, ଦିନେଶ ରଣା, ଗଣେଶ ନାୟକ, ଜ୍ଞାନେନ୍ଦ୍ର ମହାନ୍ତି, ଭବେଶ୍ୱର୍ ସାମନ୍ତରାୟ, ସୁଧାଂଶୁ ଜେନା, ମନୋଜ କୁମାର ଗିରି, ସୁଦୀପ୍ତ ସେଠୀ, ସତ୍ୟପ୍ରକାଶ ରାଉତ, ଆକାଶ ସାହୁ, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ପରିଡ଼ା, ରାଜକୁମାର ସାହୁ, ରାଜେଶ୍ କୁମାର ଦାସ, ହେମନ୍ତ କୁମାର , ମୃତ୍ୟୁଞ୍ଜୟ ସେନାପତି ପ୍ରଭୃତି ସହଯୋଗ କରିଥିଲେ।

କେନ୍ଦ୍ରାପଡା ଜିଲ୍ଲାରେ ଆଜି ୧୫୦କରୋନା ପଜିଟିଭ

କେନ୍ଦ୍ରାପଡ଼ା,୨୨/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଶୁକ୍ରବାର ୧୫୦ ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୧୨ଟି କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶି ବ୍ଲକରେ ୩୨, ଗରଦପୁର ବ୍ଲକରେ ୧, କେନ୍ଦ୍ରାପଡା ବ୍ଲକରେ ୩୪, ମହାକାଳପଡା ବ୍ଲକରେ ୧୭, ମାର୍ଶାଘାଇ ବ୍ଲକରେ ୧୦ , ପଟାମୁଣ୍ଡାଇ ବ୍ଲକରେ ୧୮, ରାଜକନିକା ବ୍ଲକରେ ୩, ରାଜନଗର ବ୍ଲକରେ ୧୫ ଏବଂ କେନ୍ଦ୍ରାପଡା ପୌରା ଳରେ ୮ ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି । ଜିଲ୍ଲାରେ ଧିରେ ଧିରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବାରୁ କୋଭିଡ କଟକଣାକୁ ଆହୁରି କଡାକଡି କରାଯିବାର ଆବଶ୍ୟକତା ରହିଛି ।

ଅମାନିଆଙ୍କୁ ତହସିଲଦାରଙ୍କ ତାଗିଦ୍ : ୧୧ଟା ପରେ ଦୋକାନ ଖୋଲିଲେ ସିଲ ହେବ ଦୋକାନ

ନୀଳଗିରି,୨୨/୦୫ (ନି.ପ୍ର): ନୀଳଗିରି ଉପଖଣ୍ଡରେ କରୋନା ମହାମାରୀ ବିସ୍ତାର କରି ଚାଲିଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବହୁବାର ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଜୋରିମାନା ଆଦାୟ କରାଯାଇଥିବା ବେଳେ ଅମାନିଆ ଦୋକାନୀ ମାନଙ୍କୁ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ନୀଳଗିରି, ସନ୍ତରାଗଡ଼ିଆ, ବରହମପୁର, ସଜନାଗଡ଼, ଅଯୋଧ୍ୟା ବଜାରରେ ଥିବା ଦୋକାନୀମାନଙ୍କୁ କଡ଼ା ତାଗିଦ୍ କରିଛନ୍ତି । ଯଦି କୌଣସି ଦୋକାନୀ ଦିନ ୧୧ଟାଂ ପରେ ଖୋଲା ରଖିଥାନ୍ତି, ତେବେ ମୋଟା ଅଙ୍କର ଜୋରିମାନା ସହ ୧ମାସ ପାଇଁ ସିଲ କରାଯିବ ବୋଲି ତାଗିଦ କରିଛନ୍ତି । କିଛି ଅମାନିଆ ଦୋକାନୀମାନଙ୍କୁ ପାଇଁ ତହସିଲଦାରଙ୍କର ଏତାଦୃଶ ତାଗିଦକୁ ଦୋକାନୀମାନଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି । ଏହିପରି ତାଗିଦକୁ ବୁଦ୍ଧିଜୀବୀ ମହଲରେ ତହସିଲଦାରଙ୍କୁ ବେଶ୍ ପ୍ରଶଂସା କରାଯାଉଛି ।

ଓଡିଶା ମେଡିକାଲ କର୍ମଚାରୀ ସଂଘର ୭୬ତମ ପ୍ରତିଷ୍ଠା ଦିବସ ପାଳିତ

ବାରିପଦା,୨୨/୦୫ (ନି.ପ୍